## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ୩ ଗୁରୁତରରୁ ଜଣେ ମୃତ

ଲାଞ୍ଜିଗଡ଼,୬।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ନିକଟସ୍ଥ ଧଅରାଭଟା ଏକଲବ୍ୟ ବିଦ୍ୟାଳୟ ନିକଟରେ ବୁଧବାର ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତର ସପୁଲକୁଚା ଗାଁର ଜଣେ ବ୍ୟକ୍ତି ମଙ୍ଗେଲା ମାଝି (ଡୁଡୁ) (୪୨)ତାଙ୍କ ସ୍ତ୍ରୀ କିଚୁ ମାଝି (୩୯) ଓ ଆଉଜଣେ ବାଇକ ଚାଳକ ଉକ୍ତ ପଞ୍ଚାୟତ ହରିହରପୁର ଗ୍ରାମର ଲୋକନାଥ ଗଉଡ଼ (୪୦) ଘରକୁ ଫେରିବା ସମୟରେ ବାଇକରୁ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ମଙ୍ଗେଲାଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ମଙ୍ଗେଲା ମୁଣ୍ଡ ପଛ ପଟୁକୁ ଆଘାତ ଲାଗିଥିଲା। ମଙ୍ଗେଲାଙ୍କ ସ୍ତ୍ରୀ କିଚୁ ଡାକ୍ତରଖାନାରୁ ସୁସ୍ଥ ହୋଇ ଘରକୁ ଫେରିଛି। ଅନ୍ୟପଟେ ଗୁରୁତର ଲୋକନାଥଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି ।

### ମଦନପୁର ମଣ୍ଡିରେ ଶ୍ରମିକଙ୍କ ଧାରଣା

ମଦନପୁର,୬।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଧାନ ମଣ୍ଡିଠାରେ ଶ୍ରମିକମାନେ ଗୁରୁବାର ସକାଳୁ ଧାରଣାରେ ବସିଥିବା ବେଳେ ଶୁକ୍ରବାର ମଧ ଜାରି ରହିଛି। ଫଳରେ ଦୁଇ ଦିନ ଧରି ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପୂର୍ବରୁ ସରକାର ମଣ୍ଡି ଶ୍ରମିକମାନଙ୍କୁ ମଜୁରି ହିସାବରେ ୧୧ ଟଙ୍କା ୧୯ ପଇସା ପ୍ରତି କୁଇଣ୍ଟାଲ ପ୍ରଦାନ କରୁଥିଲେ। ୨୦୧୭-୧୮ରୁ ସେହି ୧୧ଟଙ୍କା ୧୯ ପଇସା ବଦଳରେ ୮ଟଙ୍କା ୪୭ ପଇସା ପ୍ରଦାନ କରୁଛନ୍ତି। ଶ୍ରମିକମାନଙ୍କ କହିବା ହିସାବରେ ଆଜିର ଦୈନନ୍ଦିନ ସମୟରେ ସବୁ ଜିନିଷର ମୂଲ୍ୟ ବଢୁଛି ହେଲେ ଶ୍ରମିକମାନଙ୍କ ମଜୁରି ବଢ଼ିବା ବଦଳରେ କମିଯାଉଛି। ଫଳରେ ସେମାନେ ଆଜି ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ନ ହୁଏ ତା ହେଲେ ଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ରହିବ ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

### ଟେମରା ପଞ୍ଚାୟତରେ କଳାହାଣ୍ଡି ଉତ୍ସବ

କୋକସରା,୬।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତରେ ଗୁରୁବାର ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇଯାଇଛି। ଟେମରା ସରପଞ୍ଚ କ୍ଷିତୀରାମ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ସୁଧୀର କୁମାର ପାତ୍ର, ସମିତି ସଭ୍ୟା ଅନୁସୂୟା ମାଝି, ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝି ଉପସ୍ଥିତ ରହିଥିଲେ। କଳାହାଣ୍ଡି ଉତ୍ସବ ଲୋକ ମହୋତ୍ସବ ଗ୍ରାମାଞ୍ଚଳରେ ଲୁକ୍କାୟିତ ପ୍ରତିଭା ଆଗକୁ ଆଣିବା ଦିଗରେ ବଳିଷ୍ଠ ଉଦ୍ୟମ ବୋଲି ଅତିଥିମାନେ ମତଦେଇଥିଲେ। ଛାତ୍ରୀଛାତ୍ର ଓ ଲୋକକଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌତମ ନାଗ, ଦୁଷ୍ମନ୍ତ କୁମାର ପାତ୍ର, ହେମନ୍ତ ବାଣୁଆ, ଜଗବନ୍ଧୁ ମାଝି, ରୋହିତ କୁମାର ପାଣିଗ୍ରାହୀ, ବୃନ୍ଦାବନ ସତନାମୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ବିଶ୍ୱନାଥପୁରରେ କଳାହାଣ୍ଡି ବିକାଶ ପରିଷଦର କ୍ରାନ୍ତିଯାତ୍ରା

ଲାଞ୍ଜିଗଡ,୬।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ନିଜ ଅଧିକାର ସୁରକ୍ଷା ପାଇଁ କ୍ରାନ୍ତିଯାତ୍ରା ମାଧମରେ କ୍ରାନ୍ତିକାରୀ ଚେତନା ଜାଗ୍ରତ ନିମନ୍ତେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥପୁର କଲେଜ ଛକଠାରୁ ଗୋପବନ୍ଧୁ ହାଇସ୍କୁଲ ପର୍ଯ୍ୟନ୍ତ ଏହି କ୍ରାନ୍ତିଯାତ୍ରା ପରିକ୍ରମା କରିଥିଲା। କ୍ରାନ୍ତିଯାତ୍ରା କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ଡା ସୁନିତୀ ମୁଣ୍ଡଙ୍କ ମଣ୍ଡଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ କଳାହାଣ୍ଡି ବିକାଶ ପରିଷଦ ଶୋଭାଗିନୀ ପାତ୍ର, ସୁକୃ ମାଝି, ଭାଗୀରଥି ଧଙ୍ଗଡ଼ାମାଝି, ସଞ୍ଜୟ ସାହୁ, ରାଜେନ୍ଦ୍ର ସାହୁ, ଅନ୍ତର୍ଯ୍ୟାମୀ ଦୋରା ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୨୩ ତାରିଖରେ ଉଦଯାପିତ ହେବ ବୋଲି ସୂଚନା ମିଳିଛି। କ୍ରାନ୍ତିଯାତ୍ରାରେ ବିଶନାଥପୁର ବ୍ଲକର ଶହଶହ ମହିଳା ଓ ପୁରୁଷ ଯୋଗଦେଇଥିଲେ।

# କୁଇଣ୍ଟାଲ ପ୍ରତି ୬୦ଟଙ୍କା କ୍ଷତି ସହୁଛି ଚାଷୀ

**କଳାହାଣ୍ଡି ଜିଲା**

- ଖୋଲାଖୋଲି ଭାବେ ବସ୍ତା ଦୁର୍ନୀତି
- ପ୍ରଶାସନ ସବୁ ଜାଣି ଚୁପ



ଭବାନୀପାଟଣା,୬।୧(ସ୍ୱ.ପ୍ର.)

ବର୍ତ୍ତମାନ ଚାଷୀଙ୍କୁ ଘାରିଛି ମଣ୍ଡି ସମସ୍ୟା। କେତେବେଳେ କଟନି ଛଟନି ତ କେତେବେଳେ ଟୋକନ ସମସ୍ୟା। ମଣ୍ଡିରେ ଚାଷୀଙ୍କୁ ଶୋଷଣ କରିବା ପାଇଁ ପ୍ରଶାସନ ଓ ମିଲର୍ସ କୋଣସି ସୁଯୋଗ ଛାଡୁ ନାହାନ୍ତି। ସରକାର ଧାନ କିଣା ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ଅନେକ ନିୟମ କରୁଛନ୍ତି, କିନ୍ତୁ ନିୟମ ତା ବାଟରେ ଯାଉଛି ଓ ଦୁର୍ନୀତି ତା ବାଟରେ ହେଲେ ସରକାର ସବୁ ଜାଣି ଚୁପ। କଳାହାଣ୍ଡି ଜିଲାରେ ଧାନ କିଣା ପ୍ରକ୍ରିୟାରେ ମହାଦୁର୍ନୀତି ସାମାନାକୁ ଆସିଛି। ଏଫଏକ୍ୟୁ ମାନ ନ ଥିବା ଦର୍ଶାଇ ୫ରୁ ୭ କେଜି କଟନି ସହିତ ବସ୍ତା ବାବଦକୁ ୬୦ ଟଙ୍କା ଏହିଭଳି କୁଇଣ୍ଟାଲ ପିଛା ୧୬୦ ଟଙ୍କା କ୍ଷତି ସହୁଛି ଚାଷୀ। ଯଦି ଆମେ କଟନି ଛଟନିକୁ ଛାଡି ଦେବା ତାହା ହେଲେ ମଧ ବସ୍ତା ବାବଦକୁ କୁଇଣ୍ଟାଲ ପ୍ରତି ୬ ଟଙ୍କା କ୍ଷତି ସହୁଛି ଚାଷୀ। ସରକାରୀ ନିୟମ ଅନୁଯାୟୀ ଚାଷୀ ନିଜ ଧାନକୁ ମଣ୍ଡିରେ ନେଇ ଢାଳି ଦେଲେ ମିଲର୍ସ ନିଜ ବସ୍ତାରେ ଧାନ ଭରି ଉଠାଇବା ନିୟମ ରହିଛି। ସେଥିପାଇଁ ସରକାର ବସ୍ତା ବାବଦକୁ ମିଲର୍ସଙ୍କୁ ୧୫.୦୫ ଟଙ୍କା ଦେଉଛନ୍ତି। କିନ୍ତୁ ମିଲର୍ସ ଚାଷୀଙ୍କ ବସ୍ତାରେ ଧାନ ନେଉଛି ଓ ବସ୍ତା ଫେରାଉ ନ ଥିବାରୁ ଚାଷୀ ଖୋଲା ବଜାରରୁ ୩୦ ଟଙ୍କାରେ ବସ୍ତା କିଣିବା ପାଇଁ ବାଧ ହେଉଛି। କୁଇଣ୍ଟାଲ ପ୍ରତି ୬୦ଟଙ୍କା କ୍ଷତି ସହୁଥିବା ଚାଷୀ ଅଭିଯୋଗ କରିଛନ୍ତି। ସରକାର କଳାହାଣ୍ଡି ଜିଲାରେ ଚଳିତବର୍ଷ ଖରିଫ ଋତୁ ପାଇଁ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୫୦ ଲକ୍ଷ କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଓଡିଶା ଫୁଡ଼ ପୋଟାଲର ତଥ୍ୟ ଅନୁଯାୟୀ ଏ ପର୍ଯ୍ୟନ୍ତ ଜିଲାର ୫୯ ହଜାର ୭୨୩ଜଣ ଚାଷୀଙ୍କଠାରୁ ୨୯ଲକ୍ଷ ୫୬ ହଜାର ୧୬୮ କୁଇଣ୍ଟାଲ ଧାନ ସଂଗ୍ରହ କରାଗଲାଣି। ସେହି ଅନୁସାରେ କେବଳ ଯଦି ବସ୍ତା ବାବଦକୁ ହିସାବ କଲେ ୧୭ କୋଟି ୭୩ ଲକ୍ଷ ୩୭ ହଜାର ଟଙ୍କା ସିଧା ସଳଖ ମିଲର୍ସଙ୍କ ପକେଟକୁ ଗଲାଣି। ଏ ସମ୍ପର୍କରେ ଧର୍ମଗଡ଼ ଉପଜିଲାପାଳ ବେଦ ଭୂଷଣଙ୍କୁ ପଚାରିବାରେ ଚାଷୀଙ୍କୁ ବସ୍ତା ନ ହେଲେ ବସ୍ତା ବାବଦ ଟଙ୍କା ଫେରାଇବାକୁ ମିଲର୍ସମାନଙ୍କୁ କୁହାଯାଇଛି ବୋଲି କହିଥିଲେ।

# କୃଷିଭିତ୍ତିକ ରାଜା ପର୍ବ ପୁଷ୍‌ପୁନି ପାଳିତ



ଜଣେ ମହିଳା ଛୋଟ ପିଲାମାନଙ୍କୁ ଛେରଛେରା ଦେଉଛନ୍ତି।

ନୂଆପଡ଼ା ଅଫିସ,୬।୧

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଭଳି କୃଷିଭିତ୍ତିକ ରାଜା ପର୍ବ ପୁଷପୁନି ତିହାର ବା ଛେରଛେରା ଶୁକ୍ରବାର ନୂଆପଡ଼ା ଜିଲାର ପୁରପଲ୍ଲିରେ ଧୂମଧାମର ସହ ପାଳିତ ହୋଇଯାଇଛି। ଏହି ପର୍ବହେଲା ଗାଁରେ ଥିବା ଗୌତିଆ କିମ୍ବା ଜମିଦାରମାନେ ଗୋତି ଶ୍ରମିକ ଭାବେ ଯେଉଁମାନଙ୍କୁ ରଖିଥାନ୍ତି, ସେମାନଙ୍କ ଆଜିର ଦିନରେ କାର୍ଯ୍ୟ ସରି ଯାଇଥାଏ। କେତେ ଦିନ ଘରେ ଆଶ୍ରୟ ନେଇ ପୁଣି ଜମିଦାର କିମ୍ବା ଗୌତିଆଠାରେ ବର୍ଷକିଆ ଭାବେ ପାଉଣା ନେଇ କାର୍ଯ୍ୟରେ ଲାଗିଥାନ୍ତି। ସେମାନଙ୍କୁ ହଲିଆ ବୋଲି କୁହାଯାଏ। ପୌଷମାସ ପୂର୍ଣ୍ଣିମାରେ ପଡୁଥିବାରୁ ପୁଷପୁନି ବୋଲି କୁହାଯାଏ। ଏହି ଦିନରେ ଘରେ ଘରେ ମଣ୍ଡା, ପିଠା, କ୍ଷୀରି, ପୁରି କରି ଭୋଜି ଭାତର ଆସର ଜମିଥାଏ। ପ୍ରତ୍ୟେକ ଚାଷୀ ଘରେ ହସଖୁସିରେ ଦିନଟିକୁ ବିତାଇଥାନ୍ତି। ମହାଜନମାନେ ହଲିଆ ପିଲାମାନଙ୍କୁ ଖୁସି ମନାଇବା ପାଇଁ ଟଙ୍କା ପଇସା ଦେବା ସହ ନୂତନ ବସ୍ତ୍ର ମଧ୍ୟ ଦେଇଥାନ୍ତି। ଛୋଟ ଛୋଟ ପିଲାମାନେ କିମ୍ବା ବୟସ୍କ ବଢ଼ୀ,ବୁଢାମାନେ ଘରକୁ ଘର ବୁଲି ଛେର ଛେରା ମାଗିଥାନ୍ତି। ଛେର ଛେର ଛେରା ଇ ଘରର ବୁଢ଼ି କାହିଗଲା। ମଡାପିଠା ଦେମି ବୋଲି କହିଥିଲା ବୋଲି କହିଥାନ୍ତି। ଯାହା ଘରକୁ ଗଲେ ଧାନ, କୋଦୋ, ଚାଉଳ କିମ୍ବା ଟଙ୍କା ଦେଇଥାନ୍ତି। ସେହିପରି ଗାଁର ପ୍ରତ୍ୟେକ ଘରକୁ ଘର ବୁଲି ମାଗିଥାନ୍ତ। ଦିନତମାମ ପୁଷପୁନିର ଲହର ଲାଗି ରହିଥାଏ। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପୁଷପୁନି ମଜା ନେଇଥାନ୍ତି। ଜିଇ ଜାଗିର ଥିଲେ ବର୍ଷକରେ ଥରେ ପୁଷପୁନି ଆସେ ବୋଲି ବୟୋଜ୍ୟେଷ୍ଠମାନେ ସାନମାନଙ୍କୁ ଆଦର କରିଥାନ୍ତି। ପୁଷପୁନିର ଅନ୍ୟ ଦିନକୁ ବାସୀ ବୋଲି କୁହାଯାଏ। ସେହିଦିନ ମଧ୍ୟ ପାଳିତ ହୋଇଥାଏ।

# ବିପଦସଙ୍କୁଳ ଦେହେରେନ ଜୋର ଉପରେ ପୋଲ ନିର୍ମାଣ

କେସିଙ୍ଗା,୬।୧(ଡି.ଏନ.ଏ.)



ଦେହେରେନ ଜୋର ଉପରେ ପୋଲ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।

**୫ ଗ୍ରାମପଞ୍ଚାୟତ ଲୋକେ ଉପକୃତ ହେବେ**

କଳାହାଣ୍ଡି ଜିଲା କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଶିରୋଲ-କାଣ୍ଡେଲ ଗ୍ରାମକୁ ସଂଯୋଗ ଦେହେରେନ ଜୋର ଉପରେ ପୋଲ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଗତ ମାର୍ଚ୍ଚରେ ଭାରିଯାନ ଚଳାଚଳ ଯୋଗୁ ଦେହେରେନ ଜୋରର ସଂଯୋଗ ହୋଇଥିବା ୧୯ଟି ସିମେଣ୍ଟ ହୋମ ପାଇପ ମଧ୍ୟରୁ ଗୋଟିଏ ବ୍ରେକ ହୋଇଯାଇଥିଲା। ବିପଦସଙ୍କୁଳ ଅବସ୍ଥାରେ ଥିବା ରାସ୍ତା ଉପରେ ଲୋକେ ଗମନାଗମନ କରୁଥିଲେ। କାଣ୍ଡେଲ ଗ୍ରାମରେ ସ୍ୱାସ୍ଥ୍ୟକେନ୍ଦ୍ର, ହାଇସ୍କୁଲ, ସେବା ସମବାୟ ସମିତି ଥିବାରୁ ଆଖପାଖ ୫ଟି ଗ୍ରାମପଞ୍ଚାୟତର ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏ ନେଇ ଶିରୋଲ ସରପଞ୍ଚ ଝରଣା ବାଗ, ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗଙ୍କ ସମେତ ୱାର୍ଡବୃନ୍ଦ କେସିଙ୍ଗାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟର ଅଜିତ ସିଂ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟର ଉକ୍ତ ଜୋରର ସର୍ଭେ କରି ରାଜ୍ୟ ସରକାରଙ୍କୁ ଅନୁଦାନ ପାଇଁ ରିପୋର୍ଟ ପଠାଇଥିଲେ। ଲୋକଙ୍କ ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ଉକ୍ତ ଜୋରର ନିର୍ମାଣ ପାଇଁ ୭ ଲକ୍ଷ ଅର୍ଥ ମଞ୍ଜୁରୀ କରିଛନ୍ତି। ଅର୍ଥ ମଞ୍ଜୁର ପରେ ବର୍ତ୍ତମାନ ଠିକ ଭାବେ ଦେହେରେନ ଜୋର ନିର୍ମାଣ କାମ ଚାଲିଛି। କିଛି ଦିନ ପାଇଁ ଲୋକେଙ୍କ ଗମନାଗମନ ଲାଗି ଅନ୍ୟ ରାସ୍ତାଦେଇ ଜୋରର ପାଣି ଛଡାଯାଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟର ଅଜିତ ସିଂଙ୍କୁ ପଚାରିବାରୁ ଲୋକଙ୍କ ସୁବିଧା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାମ ଠିକ ଭାବେ ଚାଲିଛି, ଅଳ୍ପ ଦିନରେ ଲୋକମାନେ ଯିବାଆସିବା କରି ପାରିବେ ବୋଲି ପ୍ରକାଶ କରିଥିଲେ।

# କେଡିୟୁଜେର ନୂତନ କମିଟି ଗଠିତ

ଭବାନୀପାଟଣା,୬।୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିୟନର ଦ୍ୱି ବାର୍ଷିକ ସାଧାରଣ ପରିଷଦ ବୈଠକ ଜୁନାଗଡ଼ ବ୍ଲକ ଢୁଢୁଙ୍ଗଗୁଡାସ୍ଥିତ ନାୟକ ଫାର୍ମ ହାଉସଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଓୟୁଜେ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ଆଗାମୀ ୨ବର୍ଷ ପାଇଁ କଳାହାଣ୍ଡି ଜିଲା ସାମ୍ବାଦିକ ୟୁନିୟନ (କେଡିୟୁଜେ) ସଭାପତି ଭାବେ କମ୍ବୁପାଣି ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ବିରଞ୍ଚି ନାରାୟଣ ଜାଲ, ଉପସଭାପତି ଭାବେ ଉତ୍ତମ କୁମାର ଦାଶ, ଲିଙ୍ଗରାଜ ମିଶ୍ର, ସୁଧୀର ସାହୁ, ଭଦ୍ରାଞ୍ଚଳ ନାଏକ, ଗଜିନ୍ଦ୍ର ସାହୁ, ଶୁଭେନ ପଟ୍ଟନାୟକ ନିର୍ବାଚିତ ହୋଇଥିଲେ। ସେହିପରି ସାଧାରଣ ସମ୍ପାଦକ ଭାବେ ସନ୍ତୋଷ କୁମାର ସିଂଦେଓ, ସମ୍ପାଦକ ଭାବେ ଶିବାନନ୍ଦ ନାଏକ, ବୈଦ୍ୟନାଥ ବେହେରା, ରାଜକୁମାର ସିଂଦେଓ, ହେମନ୍ତ ସାହୁ, ଭଜଶ୍ୟାମ ସାହୁ, ସୁଶାନ୍ତ ଦଳେଇ, ନିହାର ବେହେରା, ଶରତ ରାଉତ, ଦୀପକ ସାହୁ, ରଜନୀ ମିଶ୍ର, ସୁଶୀଲ ବାଗ, କୋଷାଧକ୍ଷ ଭାବେ ଡମ୍ବରୁଧର ଭୋଇ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଇଙ୍ଗିତ ପଣ୍ଡା, ଖଗେଶ୍ୱର ଧଙ୍ଗଡ଼ାମାଝି, ଶୁଭେନ୍ଦୁ ପଣ୍ଡା ଓ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ଯଯାତି ଦେଓ, ଅଂଶୁମାନ ପାତ୍ର, ପ୍ରଭାକର ପଟ୍ଟନାୟକ, ଟ୍ରିବ୍ୟୁନାଲ ଅଧକ୍ଷ ଭାବେ ହିମାଂଶୁ ବରା ଟ୍ରିବ୍ୟୁନାଲ ଉପାଧକ୍ଷ ଭାବେ ପ୍ରଦୀପ ଦାଶ ପ୍ରମୁଖ ନିର୍ବାଚିତ ହୋଇଥିଲେ। ନୂତନ ନିର୍ବାଚିତ ପ୍ରତିନିଧିଙ୍କୁ ଜୁନାଗଡ଼ ସାମ୍ବାଦିକ ସଂଘ ସଭ୍ୟମାନେ ଅଭିନନ୍ଦନ ଜଣେଇବା ସହ ସମ୍ବର୍ଦ୍ଧିତ କରିଥିଲେ।

# ଚିଚୈଗୁଡ଼ା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ




ଚାମ୍ପିୟନ ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

ଜୁନାଗଡ,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ହାଇସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି। ଏହାକୁ ସ୍ଥାନୀୟ ସରପଞ୍ଚ ପରମେଶ୍ୱର ମେହେର ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରତିଯୋଗୀତାରେ ସମୁଦାୟ ୨୮ଟିଇଭେଣ୍ଟ ହୋଇଥିବାବେଳେ ବରିଷ୍ଠ, କିନିଷ୍ଠ ଓ ଉପକନିଷ୍ଠ ବିଭାଗରେ ୧୪ଜଣ ଲେଖାଏଁ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଚଳିତବର୍ଷ ଦଶମ ଶ୍ରେଣୀର ଛାତ୍ର ପରମେଶ୍ୱର ଦଣ୍ଡସେନା ଓ ବାଳିକାରେ ନବର ଶ୍ରେଣୀର ଛାତ୍ରୀ ରୀନା ବିହାରୀ ଚାମ୍ପିୟନ ହୋଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧିର କୁମାର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ବିଜ୍ଞାନ ଶିକ୍ଷକ ଶକ୍ତି ପ୍ରସାଦ ମେହେର ପରିଚାଳନା କରିଥିଲେ। ିି କାର୍ଯ୍ୟକ୍ରମ ଆୟୋଜନରେ ଶିକ୍ଷକ ପ୍ରେମଲାଲ ବାଗ, ଘନ କୁମାର, ଦୁର୍ଗା ଚରଣ ମେହେର, କାହ୍ନୁ ଚରଣ ପଣ୍ଡା, ସଞ୍ଜୀବ ମେହେର, ଗଗନ ବିହାରୀ ସାହୁ, ଶିକ୍ଷୟିତ୍ରୀ ମାନିନୀ ମେହେର, ସୁମୁଖୀ ମେହେର, ଲୀଳାବତୀ ମେହେର, ସୁଜାତା ମେହେର, ଦୀପାଞ୍ଜଳୀ ମେହେର, ହେମାଙ୍ଗିନୀ ମେହେର ପ୍ରମୁଖ ସକ୍ରିୟ ଭୂମିକା ନିଭାଇଥିଲେ।

# ପୌଷ ପୂର୍ଣ୍ଣିମାରେ କ୍ରିକେଟ ଟୁର୍ନାମେଣ୍ଟ

ଖଡ଼ିଆଲ,୬।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଦମାପଲାଠାରେ ପୌଷ ପୂର୍ଣ୍ଣିମା ଅବସରରେ ଭାଇଚାର ବଜାୟ ରଖିବା ପାଇଁ ଦିନିକିଆ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଗାଁର ବିଭିନ୍ନ ବର୍ଗର ଯୁବକଙ୍କୁ ନେଇ ୪ଟି ଦଳ ଗଠିତ ହୋଇ ପ୍ରତିଯୋଗିତା ହୋଇଥିଲା। ଗାଁର ବରିଷ୍ଠ ନାଗରିକ ନନ୍ଦକିଶୋର ପ୍ରଧାନୀ, ଜଗବନ୍ଧୁ ପଟେଲ, ଘାସିରାମ ଦଣ୍ଡସେନା, ଗଣ୍ଡାରାମ ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦଘାଟନ କରିଥିଲେ। ଫାଇନାଲ ଖେଳ ଏମ୍‌ଡିସିସି ଦମାପଲା ଓ ଏମ୍‌ଡିସିସି ଓଲ୍ଡ ଷ୍ଟାର ମଧରେ ଅନୁଷ୍ଠିତ ହୋଇଥିବା ବେଳେ ଏମ୍‌ଡିସିସି ଓଲ୍ଡ ଷ୍ଟାର ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ନୋମିନି ଉଗ୍ରେସେନ ରଣା ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଶେଷରେ ପରସ୍ପର ମଧରେ ପୌଷ ପୂର୍ଣ୍ଣିମାର ଶୁଭେଚ୍ଛା ଆଦାନ ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମ ହୃଦାନନ୍ଦ ତାଣ୍ଡି, ଯୁକ୍ତ ତାଣ୍ଡି, ସନ୍ତୋଷ ଦଣ୍ଡସେନା, ସୁମନ୍ତ ଦଣ୍ଡସେନା, ନାରାୟଣ ନାୟକ, ଶ୍ରୀଧର ବାରିକ ଦେବାନନ୍ଦ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ସେମିରେ ନାଗପୁର କରିମ ସ୍ପୋର୍ଟିଂ

ନୂଆପଡ଼ା ଅଫିସ,୬।୧

**ୱାଇଏମସି କପ କ୍ରିକେଟ**

ସ୍ଥାନୀୟ ମିନିଷ୍ଟାଡିୟମଠାରେ ଚାଲିଥିବା ୩୧ତମ ସର୍ବଭାରତୀୟ ୱାଇଏମସି କପ କ୍ରିକେଟ ପୋଲ ୨ୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ବିଶାଖାପାଟଣା କ୍ରିକେଟ ଏକାଡେମୀକୁ ହରାଇ ନାଗପୁର କରିମ ସ୍ପୋର୍ଟିଂ ସେମି ଫାଇନାଲରେ ପ୍ରବେଶ କରିଛି। ବିଶାଖାପାଟଣା ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରିଥିଲା। ନାଗପୁର କରିମ ସ୍ପୋର୍ଟିଂ ୧୪.୪ ଓଭରରେ ଏକ ଉଇକେଟ ହରାଇ ୧୭୫ ରନ କରି ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର, ସଦର ବ୍ଲକ ବିଡିଓ ସୁବେଦାର ପ୍ରଧାନ, ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଜିଲା ଆବାହକ ଯଦୁମଣି ପାଣିଗ୍ରାହୀ, ନ୍ୟାଶନାଲ କଲେଜ ପ୍ରାକ୍ତନ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା, ବରିଷ୍ଠ ଆଇନଜୀବୀ ଅଶୋକ ଦେବାଙ୍ଗନ, ପୂର୍ବତନ କ୍ରୀଡାବିତ ଗୁଲାମ ସତାର ଅତିଥି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ନାଗପୁର ଦଳର ସନ୍ଦୀପ ସରୋଜଙ୍କୁ ସଦର ଥାନାଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ ଓ ପୂର୍ବତନ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ବଢେଇ ପୁରସ୍କାର ପ୍ରଦାନ କରିଥିଲେ। ଜିଲା କ୍ରିକେଟ ସଂଘ ସଭାପତି ପ୍ରକାଶ ସାହୁ, ୟୁଥ ମାସ କ୍ଲବ ସଭାପତି ଅମରେଶ ଚନ୍ଦ୍ର ଦାସ, ଉପ ସଭାପତି ସଞ୍ଜୟ ପଟ୍ଟନାୟକ, ସମ୍ପାଦକ ତପନ ବଗର୍ତ୍ତି, ସହ ସମ୍ପାଦକ ସୁଧିର ମିଶ୍ର ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଓସିଏ ସ୍ୱୀକୃତି ପ୍ରାପ୍ତ ଅମ୍ପାୟର ଅମୀୟ ସାହୁ ଓ ନାରାୟଣ ମେହେର ଖେଳ ପରିଚାଳନା କରୁଛନ୍ତି। ସ୍କୋର ଦାୟିତ୍ୱରେ ଶୈଳେଶ ଶତପଥୀ ଓ ଜୟ କିଷନ ସୁନାନୀ, ମହମ୍ମଦ ରାଜା,ପୁନିତ ରାଉତ ଧାରା ବିବରଣୀ ଶୁଣାଉଛନ୍ତି।




ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

# ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା



ତ୍ରିଲୋଚନପୁରରେ କଳାହାଣ୍ଡି ଉତ୍ସବ ଘୁମୁରାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।



କର୍ଲାମୁଣ୍ଡା ପଞ୍ଚାୟତରେ କଳାହାଣ୍ଡି ଉତ୍ସବରେ କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

କର୍ଲାମୁଣ୍ଡା/ଲାଞ୍ଜିଗଡ଼, ୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ପଞ୍ଚାୟତ ପକ୍ଷରୁ ୟୁପି ସ୍କୁଲରେ ସରପଞ୍ଚ ସ୍ୱର୍ଣ୍ଣଲତା ସାହୁଙ୍କ ଅଧକ୍ଷତାରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା କୁନି ସାହୁ, ମୁଖ୍ୟବକ୍ତା ଭାବେ ଖବରଦାତା ପ୍ରଦୀପ କୁମାର ସାହୁ, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ସୁରେନ୍ଦ୍ର ଭୋଇ, ଖ'ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ନାଏବ ସରପଞ୍ଚ ରାଧେଶ୍ୟାମ ବାଗ, ବିଧାୟକ ପ୍ରତିନିଧି ଦିନ ବନ୍ଧୁ ସାହୁ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଟିକେରାମ ଛତ୍ରୀଆ ପ୍ରମୁଖ ଯୋଗଦେଇଥିଲେ। କଳାହାଣ୍ଡିର କଳା ସଂସ୍କୃତି ଓ ପରମ୍ପରାକୁ ଲୋକ ଲୋଚନକୁ ଆଣିବାର ପ୍ରୟାସ ହେଉଛି କଳାହାଣ୍ଡି ଉତ୍ସବ ବୋଲି ଅତିଥିମାନେ କହିଥିଲେ। ଉଲ୍ଲେଖନୀୟ ଅବଦାନ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସଞ୍ଜୟ ସେନାପତି ଓ ରିଟନ ନାଗ, ବୁଧେଶର ନାଗ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଗ୍ରାମ ରୋଜଗାର ସେବକ ଶିବ କୁମାର ଭୋଇ ଧନ୍ୟବାଦ ଦେଇଥିଲେ। ସେହିପରି ରିଷିଡା ପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବରେ ସରପଞ୍ଚ ସେବତୀ ରଣା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ଜେଡି କଲେଜ ଅଧକ୍ଷ ଗଦାଧର ପଧାନ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ୍ୟା କୁନି ସାହୁ, କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା, ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ପୌରକେଲା ସରପଞ୍ଚ ଯଶୋଶ୍ୱିନୀ ଧରୁଆ, ସ. ମାଲପଡା ସରପଞ୍ଚ ବରୁଣ ଛତ୍ରିଆ, ରେଗଡା ସରପଞ୍ଚ ଦୀପ୍ତି ରାଣୀ ସାହୁ, ରିଷିଡା ନାଏବ ସରପଞ୍ଚ ନରେଶ ଦାଶ, ସମିତି ସଭ୍ୟ ନିମାଇଁ ଚରଣ ବେହେରା ପ୍ରମୁଖ ଯୋଗଦେଇଥିଲେ। ନରୋତ୍ତମ ସେଲମା ସଂଯୋଜନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନ ମୋହିଥିଲା।

ଲାଞ୍ଜିଗଡ଼ ବ୍ଲକ ତ୍ରିଲୋଚନପୁରରେ ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଲକ୍ଷ୍ମୀ ମାଝିଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଜୋନ-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ ଯୋଗଦେଇଥିଲେ। ମଞ୍ଚରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ର, ଲାଞ୍ଜିଗଡ଼ କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପ୍ରକଳ୍ପ ସଂଯୋଜକ ଲମ୍ବୋଦର ପ୍ରଧାନ, ସମିତି ସଭ୍ୟା ସୁଦସା ପଟନାୟକ, ନାଏବ ସରପଞ୍ଚ ତାରିଣୀସେନ ବାଗ, ପିଇଓ ତାପସ କୁମାର ସାହୁ, ଧର୍ମେନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ଚନ୍ଦ୍ର ମାଝି ପ୍ରମୁଖ ଯୋଗଦେଇଥିଲେ। ଅଞ୍ଚଳର ସଂସ୍କୃତି, ଐତିହ ଓ କଳାର ଉତ୍କୃଷ୍ଟତାକୁ ବଜାୟ ରଖିବା, ଆଗେଇ ନେବା ତଥା ଆଦିବାସୀ ଅଞ୍ଚଳର ବିକାଶରେ ନିଜର ସହଭାଗିତାକୁ ଅତିଥିମାନେ ପ୍ରାଧାନ୍ୟ ଦେଇଥିଲେ। ଏହି ଅବସରରେ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ତ୍ରିଲୋଚନପୁର ଜିଆରଏସ ଅରବିନ୍ଦ ମହାନ୍ତି, ଯୋଗାଣ ସହାୟକ ଦେବରାଜ ନାଏକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ବାଇକ୍‌ରୁ ପଡ଼ି ୩ ଗୁରୁତରରୁ ଜଣେ ମୃତ

ଲାଞ୍ଜିଗଡ଼,୬।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଥାନା ନିକଟସ୍ଥ ଧଅରାଭଟା ଏକଲବ୍ୟ ବିଦ୍ୟାଳୟ ନିକଟରେ ବୁଧବାର ଲାଞ୍ଜିଗଡ଼ ବ୍ଲକ ଚମ୍ପାଦେଇପୁର ପଞ୍ଚାୟତର ସପୁଲକୁଟା ଗାଁର ଜଣେ ବ୍ୟକ୍ତି ମଙ୍ଗେଲା ମାଝି (ତୁତୁ) (୪୨)ତାଙ୍କ ସ୍ତ୍ରୀ କିଚୁ ମାଝି (୩୯) ଓ ଆଉଜଣେ ବାଇକ ଚାଳକ ଉକ୍ତ ପଞ୍ଚାୟତ ହରିହରପୁର ଗ୍ରାମର ଲୋକନାଥ ଗଉଡ଼ (୪୦) ଘରକୁ ଫେରିବା ସମୟରେ ବାଇକରୁ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗୁରୁବାର ମଙ୍ଗେଲାଙ୍କ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ମଙ୍ଗେଲା ମୁଣ୍ଡ ପଛ ପଟୁକୁ ଆଘାତ ଲାଗିଥିଲା। ମଙ୍ଗେଲାଙ୍କ ସ୍ତ୍ରୀ କିଚୁ ଡାକ୍ତରଖାନାରୁ ସୁସ୍ଥ ହୋଇ ଘରକୁ ଫେରିଛି। ଅନ୍ୟପଟେ ଗୁରୁତର ଲୋକନାଥଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି ।

### ମଦନପୁର ମଣ୍ଡିରେ ଶ୍ରମିକଙ୍କ ଧାରଣା

ମଦନପୁର,୬।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଧାନ ମଣ୍ଡିଠାରେ ଶ୍ରମିକମାନେ ଗୁରୁବାର ସକାଳୁ ଧାରଣାରେ ବସିଥିବା ବେଳେ ଶୁକ୍ରବାର ମଧ ଜାରି ରହିଛି। ଫଳରେ ଦୁଇ ଦିନ ଧରି ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀମାନଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ ପୂର୍ବରୁ ସରକାର ମଣ୍ଡି ଶ୍ରମିକମାନଙ୍କୁ ମଜୁରି ହିସାବରେ ୧୧ ଟଙ୍କା ୧୯ ପଇସା ପ୍ରତି କୁଇଣ୍ଟାଲ ପ୍ରଦାନ କରୁଥିଲେ। ୨୦୧୭-୧୮ରୁ ସେହି ୧୧ଟଙ୍କା ୧୯ ପଇସା ବଦଳରେ ୮ଟଙ୍କା ୪୭ ପଇସା ପ୍ରଦାନ କରୁଛନ୍ତି। ଶ୍ରମିକମାନଙ୍କ କହିବା ହିସାବରେ ଆଜିର ଦୈନନ୍ଦିନ ସମୟରେ ସବୁ ଜିନିଷର ମୂଲ୍ୟ ବଢୁଛି। ହେଲେ ଶ୍ରମିକମାନଙ୍କ ମଜୁରି ବଢ଼ିବା ବଦଳରେ କମିଯାଉଛି। ଫଳରେ ସେମାନେ ଆଜି ଧାରଣାରେ ବସିଛନ୍ତି। ଯେ ପର୍ଯ୍ୟନ୍ତ ଏହାର ସ୍ଥାୟୀ ସମାଧାନ ନ ହୁଏ ତା ହେଲେ ଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ରହିବ ଶ୍ରମିକମାନେ ଚେତାବନୀ ଦେଇଛନ୍ତି।

### ଟେମରା ପଞ୍ଚାୟତରେ କଳାହାଣ୍ଡି ଉତ୍ସବ

କୋକସରା,୬।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତରେ ଗୁରୁବାର ପଞ୍ଚାୟତସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ଅନୁଷ୍ଠିତ ହୋଇଯାଇଛି। ଟେମରା ସରପଞ୍ଚ କ୍ଷିତୀରାମ ପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ତୋଫାନ ମାଝି, ମୁଖ୍ୟବକ୍ତା ଭାବେ କଳାହାଣ୍ଡି ଏମ୍‌ପିଙ୍କ ପ୍ରତିନିଧି ସୁଧୀର କୁମାର ପାତ୍ର, ସମିତି ସଭ୍ୟା ଅନୁସୂୟା ମାଝି, ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ନାଏବ ସରପଞ୍ଚ ପୂର୍ଣ୍ଣମୀ ମାଝି ଉପସ୍ଥିତ ରହିଥିଲେ।

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଚାଉଳ ହଡ଼ପ ଅଭିଯୋଗ

**ପିଇଜି ଅରିଗାଁରେ ଅନିୟମିତତା, ଥାନାରେ ମାମଲା**

■ ଗୋଦାମରେ ତାଲା, ମାଲିକ ଫେରାର

ସୋନପୁର,୬।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିନ୍ଦୁରପୁର ପଞ୍ଚାୟତରେ ଥିବା ପିଇଜି(ପ୍ରାଇଭେଟ ଏଣ୍ଟରପ୍ରେନ୍ୟୁୟର ଗୋଡାଉନ୍) ଅରିଗାଁରେ ଅନିୟମିତତା ହୋଇଛି। ଗୋଦାମରେ ଥିବା ସରକାରଙ୍କ ପ୍ରାୟ ୧୦ହଜାର ୩୪୪ କୁଇଣ୍ଟାଲ କଷ୍ଟମ ମିଲିଂ ଚାଉଳର ହିସାବ ମିଳୁନି। ହଡପ ଚାଉଳର ଆନୁମାନିକ ମୂଲ୍ୟ ପ୍ରାୟ ୩ କୋଟି ଟଙ୍କା ହେବ ବୋଲି ଜଣାପଡିଛି। ଯୋଗାଣ ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିନିକା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବିନିକା ଆଇଆଇସି ପବିତ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଭଦ୍ରକ ଜିଲାର ବିମଳିନୀ ଭାରତୀ ନାମକ ଜଣେ ମହିଳା ଉଦ୍ୟୋଗୀ ଅରିଗାଁ ରାସ୍ତା ପାର୍ଶ୍ୱରେ ଜମି କିଣି ୭ ବର୍ଷ ପୂର୍ବରୁ ୫୦ ହଜାର କୁଇଣ୍ଟାଲ କ୍ଷମତା ବିଶିଷ୍ଟ ଏକ ଗୋଦାମ ନିର୍ମାଣ କରିଥିଲେ। ଭାରତୀ ପରବର୍ତ୍ତୀ ସମୟରେ ଉକ୍ତ ଗୋଦାମରେ ସରକାରୀ ଚାଉଳ ରଖିବା ପାଇଁ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କ ସହିତ ୧୦ ବର୍ଷୀୟା ଚୁକ୍ତିନାମା କରିଛନ୍ତି। ରାଜ୍ୟ ଯୋଗାଣ ନିଗମ ସୁବର୍ଣ୍ଣପୁର ଜିଲାର ମିଲର୍ସଙ୍କ ନିକଟରୁ ସଂଗ୍ରହ କରୁଥିବା କଷ୍ଟମ ମିଲିଂ ଚାଉଳ ଏହି ପ୍ରାଇଭେଟ୍ ଗୋଦାମରେ ଗଚ୍ଛିତ ରଖାଯାଉଛି। ଆବଶ୍ୟକତା ଅନୁଯାୟୀ ଗୋଦାମରୁ ଚାଉଳ ଜିଲା ଓ ଜିଲା ବାହାରକୁ ଟ୍ରକ୍ ଯୋଗେ ପଠାଯାଏ। ଏ ବାବଦରେ ଗୋଦାମ ମାଲିକ ବିମଳିନୀ ଯୋଗାଣ ବିଭାଗ ନିକଟରୁ ମାସିକ ୩ ଲକ୍ଷ ୩୧ହଜାର ୫୦୦ଟଙ୍କା ଭଡା ନିଅନ୍ତି। ସେହିଭଳି ଶ୍ରମିକ ମଜୁରି ବାବଦ ହେଣ୍ଡଲିଂ ଚାର୍ଜ ମିଳିଥାଏ। ବିମଳିନୀଙ୍କ ପୁଅ ଏହି ବ୍ୟବସାୟ ବୁଝି ଆସୁଥିଲେ। ତେବେ ଗତ ଡିସେମ୍ବର ୧୪ ତାରିଖ ରାତିରେ ଏହି ଗୋଦାମରେ ନିଆଁ ଲାଗିଥିଲା। ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଚାଉଳ ପୋଡି ଯାଇଛି ବୋଲି ଗୋଦାମ ମାଲିକ ଯୋଗାଣ ବିଭାଗକୁ ଅବଗତ କରିଥିଲେ। ତେବେ ଚାଉଳ ଷ୍ଟକ୍ ଠିକ୍ ରଖିବାକୁ ଯୋଗାଣ ବିଭାଗ ଗୋଦାମ ମାଲିକଙ୍କୁ ତାଗିଦ୍ କରି ଆସୁଥିଲା। କିନ୍ତୁ ଗତ ୫ ଦିନ ହେବ ଗୋଦାମରେ ତାଲା ପଡିଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ମାଲିକ ଫେରାର ହୋଇ ଯାଇଛନ୍ତି। ଜିଲା ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ସଦର ସହକାରୀ ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ଓ ବିନିକା ଯୋଗାଣ ନିରୀକ୍ଷକ ରାଜକିଶୋର ସ୍ୱାଇଁ ବିନିକା ଥାନାରେ ଅନିୟମିତତା ନେଇ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କୁ ପଚାରିବାରୁ ଚୁକ୍ତିନାମା ଅନୁଯାୟୀ ପ୍ରାଇଭେଟ୍ ଗୋଦାମରେ କଷ୍ଟମ ମିଲିଂ ଚାଉଳ ରହୁଥିଲା। ଚାଉଳ କମ୍ ଥିବା ଜଣାପଡିବା ପରେ ଗୋଦାମ ମାଲିକଙ୍କ ନାମରେ ଥାନାରେ ଅଭିଯୋଗ କରିବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

# ଦେଓଗଡ଼କୁ ହରାଇ ବ୍ଲୁ ଡାଇମଣ୍ଡ ବରଗଡ଼ ସେମିଫାଇନାଲରେ



ବରଗଡର ଦେବେନ୍ଦ୍ର କୁଅଁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଉଛି।

ଅମରପାଲି,୬।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ପଞ୍ଚାୟତର ବିକଳପୁର ଗ୍ରାମରେ ହେଉଥିବା ୧୬ତମ ମା'ମାହେଶ୍ୱରୀ କ୍ରିକେଟ କପ୍‌ର ଶୁକ୍ରବାର ମ୍ୟାଚ ଡିସିଏ ଦେଓଗଡ ଓ ବ୍ଲୁ ଡାଇମଣ୍ଡ ବରଗଡ ମଧ୍ୟରେ ହୋଇଥିଲା। ଏଥିରେ ବରଗଡ ଉଭୟ ଫର୍ମାଟରେ ବିଜୟୀ ହୋଇ ମ୍ୟାଚକୁ ଜିଣି ଥିଲା। ପ୍ରଥମ ଫର୍ମାଟରେ ଦେଓଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୦୮ରନ କରିଥିଲା। ଦଳର ପ୍ରବୀଣ ତିର୍କୀ ୩୫ରନ କରିଥିବା ବେଳେ ବରଗଡର ଅମିତ ରାଉତ,ମିତ୍ର ପଧାନ,ସୁମିତ ରାଏ, କୁନାଲ ପଣ୍ଡା ଓ ଦେବେନ୍ଦ୍ର କୁଅଁର ପ୍ରତ୍ୟେକ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ବରଗଡ ଦଳ ୭.୧ ଓଭରରେ ୨ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳର ଦେବେନ୍ଦ୍ର କୁଅଁର ୧୭ ବଲରୁ ୫୩ରନ କରିଥିଲେ। ଦେଓଗଡ ଦଳ କିରନ ନାଏକ ଓ ପ୍ରୀତଶ ଛତ୍ରିଆ ପ୍ରତ୍ୟେକ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ ବରଗଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୨ ଉଇକେଟ ହରାଇ ୧୬୫ରନ କରିଥିଲା । ଦଳର ଦେବେନ୍ଦ୍ର କୁଅଁର ୩୭ବଲରୁ ୯୪ରନ ଓ ଅମିତ ରାଉତ ୨୧ବଲରୁ ୫୨ରନ କରିଥିଲେ। ଦେଓଗଡର ପ୍ରୀତିଶ ଛତ୍ରିଆ ଓ ଏମଡି ଅବଜାର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଦେଓଗଡ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ହରାଇ ୮୫ରନ କରିଥିଲା। ଦଳର କିରନ ନାଏକ ୧୩ବଲରୁ ୩୦ରନ ଓ ପ୍ରକାଶ ସାହୁ ୧୮ବଲରୁ ୨୩ରନ କରିଥିଲେ। ବିପକ୍ଷ ବରଗଡ ର ରାକେଶ ସିଂ, ହିମାଂସୁ ଓ ଦେବେନ୍ଦ୍ର କୁଅଁର ପ୍ରତ୍ୟେକ ୨ଟି ଲେଖାଏ ଓ କୁନାଲ ପଣ୍ଡା ଗୋଟିଏ ଉଇକେଟ ନେଇଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ବରଗଡ ମ୍ୟାଚକୁ ଜିଣି ସେମିଫାଇନାଲରେ ପ୍ରବେଶ କରିଛି। ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ପୂର୍ବତନ ଓସିଏ କାଉନସିଲ ସଦସ୍ୟ ପଠାନ ପଣ୍ଡା ମୁଖ୍ୟଅତିଥି, ସୁଶିଲ ପ୍ରଧାନ,ସୁବଳୟା ଥାନାର ଏଏସଆଇ ସନ୍ତୋଷ ସିନ୍ଧିଆ,ଶିକ୍ଷାବିତ କଳାକାହ୍ନୁ ପଧାନ ଓ ରଞ୍ଜିତ ପଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡର ଦେବେନ୍ଦ୍ର କୁଅଁରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୁଡାମଣି ପାଢୀ ଓ ପ୍ରଶାନ୍ତ ମିଶ୍ର ପରିଚାଳନା କରିଥିଲେ । ଚନ୍ଦ୍ରଶେଖର ପ୍ରଧାନ ସ୍କୋରିଂ,ପରକ୍ଷିତ କର୍ଣ୍ଣ ଅନ୍‌ଲାଇନ ସ୍କୋରିଂ ଏବଂ ଏସ ବି ସିମରନ,ବି.ଏସ.ରାଓ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ପୁଲ-ବିର ସେମିଫାଇନାଲ ବୌଦ୍ଧ ଓ ବରଗଡ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାଯାଇଛି।

# ବିପଦସଙ୍କୁଳ ଦେହେରେନ ଜୋର ଉପରେ ପୋଲ ନିର୍ମାଣ



ଦେହେରେନ ଜୋର ଉପରେ ପୋଲ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।

କେସିଙ୍ଗା,୬।୧(ଡି.ଏନ.ଏ.)

**୫ ଗ୍ରାମପଞ୍ଚାୟତ ଲୋକେ ଉପକୃତ ହେବେ**

କଳାହାଣ୍ଡି ଜିଲା କେସିଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଶିରୋଲ-କାଣ୍ଡେଲ ଗ୍ରାମକୁ ସଂଯୋଗ ଦେହେରେନ ଜୋର ଉପରେ ପୋଲ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଗତ ମାର୍ଚ୍ଚରେ ଭାରିଯାନ ଚଳାଚଳ ଯୋଗୁ ଦେହେରେନ ଜୋରର ସଂଯୋଗ ହୋଇଥିବା ୧୯ଟି ସିମେଣ୍ଟ ହୋମ ପାଇପ ମଧ୍ୟରୁ ଗୋଟିଏ କ୍ରେକ ହୋଇଯାଇଥିଲା। ବିପଦସଙ୍କୁଳ ଅବସ୍ଥାରେ ଥିବା ରାସ୍ତା ଉପରେ ଲୋକେ ଗମନାଗମନ କରୁଥିଲେ। କାଣ୍ଡେଲ ଗ୍ରାମରେ ସ୍ୱାସ୍ଥ୍ୟକେନ୍ଦ୍ର, ହାଇସ୍କୁଲ, ସେବା ସମବାୟ ସମିତି ଥିବାରୁ ଆଖପାଖ ୫ଟି ଗ୍ରାମପଞ୍ଚାୟତର ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଛନ୍ତି। ଏ ନେଇ ଶିରୋଲ ସରପଞ୍ଚ ଝରଣା ବାଗ, ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗଙ୍କ ସମେତ ୱାର୍ଡବୃନ୍ଦ କେସିଙ୍ଗାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟର ଅଜିତ ସିଂ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟର ଉକ୍ତ ଜୋରର ସର୍ଭେ କରି ରାଜ୍ୟ ସରକାରଙ୍କୁ ଅନୁଦାନ ପାଇଁ ରିପୋର୍ଟ ପଠାଇଥିଲେ। ଲୋକଙ୍କ ସମସ୍ୟା ଦୂର ପାଇଁ ରାଜ୍ୟ ସରକାର ଉକ୍ତ ଜୋରର ନିର୍ମାଣ ପାଇଁ ୭ ଲକ୍ଷ ଅର୍ଥ ମଞ୍ଜୁରୀ କରିଛନ୍ତି। ଅର୍ଥ ମଞ୍ଜୁର ପରେ ବର୍ତ୍ତମାନ ଠିକ ଭାବେ ଦେହେରେନ ଜୋର ନିର୍ମାଣ କାମ ଚାଲିଛି। କିଛି ଦିନ ପାଇଁ ଲୋକେଙ୍କ ଗମନାଗମନ ଲାଗି ଅନ୍ୟ ରାସ୍ତାଦେଇ ଜୋରର ପାଣି ଛଡାଯାଇଛି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ଇଞ୍ଜିନିୟର ଅଜିତ ସିଂଙ୍କୁ ପଚାରିବାରୁ ଲୋକଙ୍କ ସୁବିଧା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କାମ ଠିକ ଭାବେ ଚାଲିଛି, ଅଳ୍ପ ଦିନରେ ଲୋକମାନେ ଯିବାଆସିବା କରି ପାରିବେ ବୋଲି ପ୍ରକାଶ କରିଥିଲେ।

# ପୋଲିସ୍‌ର ଦାଦାଗିରି : ଖବରଦାତାଙ୍କୁ ଆକ୍ରମଣ

ମଥୁରାନଗରୀ,୬।୧

ଧନୁଯାତ୍ରା ମହୋତ୍ସବରେ ମଥୁରା ନଗରୀରେ ମଥୁରାଧିପତି କଂସଙ୍କ ଅତ୍ୟାଚାର ବଢ଼ି ଚାଲେ। ଏହା ପୁରାଣରେ ବର୍ଣ୍ଣିତ ଥିବାବେଳେ ଧନୁଯାତ୍ରାର କଂସ ମହାରାଜ ଅଭିନେତା ମଧ୍ୟ ଏହା ନିଚ୍ଛକ ଭାବେ ଅଭିନୟ ମାଧ୍ୟମରେ ଉପସ୍ଥାପନ କରିଥାନ୍ତି। କିନ୍ତୁ ବରଗଡ଼ ଧନୁଯାତ୍ରା ମହୋତ୍ସବରେ କଂସ ଅତ୍ୟାଚାରଠାରୁ ପୋଲିସର ଅତ୍ୟାଚାର ବଳିଯାଇଛି। ଧନୁଯାତ୍ରା ପ୍ରଚାର ପ୍ରସାର କମିଟି ତଥା ବରଗଡ଼ ସାମ୍ବାଦିକ ସଂଘର ସଦସ୍ୟ ବଦ୍ରିପ୍ରସାଦ ସାହୁଙ୍କ ଉପରେ ଶୁକ୍ରବାର ପୋଲିସର ଆକ୍ରମଣ ଘଟଣାରୁ ଏହା ସ୍ପଷ୍ଟ ପ୍ରତିପାଦିତ ହୋଇଛି। ସାହୁ ଖବର ସଂଗ୍ରହ ସହିତ ଧନୁଯାତ୍ରାର ପ୍ରଚାର ପ୍ରସାର କମିଟି ସଭ୍ୟ ଭାବେ ସବୁ ଛାପା ଗଣମାଧ୍ୟମକୁ ଫଟୋ ଯୋଗାଇବାରେ ସକ୍ରିୟ ଭୂମିକା ନେଇ ଆସୁଥିଲେ। ଏହାଦ୍ୱାରା ଧନୁଯାତ୍ରାର ଅଧିକ ପ୍ରଚାର ପ୍ରସାର ହେବା ସହିତ ଗଣମାଧ୍ୟମ ପ୍ରତିନିଧିମାନେ ମଧ୍ୟ ସହଜରେ ଫଟୋ ପାଉଥିଲେ। ତେବେ ସେ ଏଭଳି କାର୍ଯ୍ୟରେ କର୍ତ୍ତବ୍ୟରତ ଥିବାବେଳେ କଚେରି ନିକଟରେ ପୋଲିସ ତାଙ୍କୁ ଅଟକାଇଥିଲା। ଏପରିକି ଗଣମାଧ୍ୟମ ପରିଚୟ ପତ୍ର ଦେଖାଇବା ସତ୍ତ୍ୱେ ଛାଡ଼ି ନ ଥିଲା। ପୋଲିସ ସାହୁଙ୍କ ମୁହଁରେ ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏ ନେଇ ସାହୁ ବରଗଡ଼ ଟାଉନ ଥାନାରେ ଏତଲା ଦେଇଛନ୍ତି। ଘଟଣାକୁ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରାଯାଇଛି। ଉଲ୍ଲେଖନୀୟ, ଚଳିତ ଧନୁଯାତ୍ରା ପ୍ରଚାର ପ୍ରସାରରେ ଉଲ୍ଲେଖନୀୟ ଅବଦାନ ଯୋଗୁ ସାହୁଙ୍କୁ ଗୁରୁବାର ରାଜଦରବାରରେ କଂସ ମହାରାଜ ସମ୍ମାନିତ କରିଥିଲେ। ଏହାର ୨୪ଘଣ୍ଟା ନ ପୂରୁଣୁ କର୍ତ୍ତବ୍ୟରତ ଥିବା ଅବସ୍ଥାରେ ତାଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରାଯାଯାଇଛି। ଏହା ସହିତ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ସମସ୍ତ ସାମ୍ବାଦିକ କଂସ ଦରବାର ତଳେ ଧାରଣାରେ ବସିଥିଲେ।

# ପୌଷ ପୂର୍ଣ୍ଣିମାରେ କ୍ରିକେଟ ଟୁର୍ନାମେଣ୍ଟ

ଖଡ଼ିଆଳ,୬।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଦମାପଲାଠାରେ ପୌଷ ପୂର୍ଣ୍ଣିମା ଅବସରରେ ଭାଇଚାର ବଜାୟ ରଖିବା ପାଇଁ ଦିନିକିଆ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଗାଁର ବିଭିନ୍ନ ବର୍ଗର ଯୁବକଙ୍କୁ ନେଇ ୪ଟି ଦଳ ଗଠିତ ହୋଇ ପ୍ରତିଯୋଗିତା ହୋଇଥିଲା। ଗାଁର ବରିଷ୍ଠ ନାଗରିକ ନନ୍ଦକିଶୋର ପ୍ରଧାନୀ, ଜଗବନ୍ଧୁ ପଟେଲ, ଘାସିରାମ ଦଣ୍ଡସେନା, ଗଣ୍ଡାରାମ ଦଣ୍ଡସେନା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦଘାଟନ କରିଥିଲେ। ଫାଇନାଲ ଖେଳ ଏମ୍‌ଡିସିସି ଦମାପଲା ଓ ଏମ୍‌ଡିସିସି ଓଲ୍ଡ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିବା ବେଳେ ଏମ୍‌ଡିସିସି ଓଲ୍ଡ ଷ୍ଟାର ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସରପଞ୍ଚ ନୋମିନି ଉଗ୍ରେସେନ ରଣା ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଶେଷରେ ପରସ୍ପର ମଧ୍ୟରେ ପୌଷ ପୂର୍ଣ୍ଣିମାର ଶୁଭେଚ୍ଛା ଆଦାନ ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମ ହୃଦାନନ୍ଦ ତାଣ୍ଡି, ଯୁକ୍ତ ତାଣ୍ଡି, ସନ୍ତୋଷ ଦଣ୍ଡସେନା, ସୁମନ୍ତ ଦଣ୍ଡସେନା, ନାରାୟଣ ନାୟକ, ଶ୍ରୀଧର ବାରିକ ଦେବାନନ୍ଦ ତାଣ୍ଡି ପ୍ରମୁଖ ସହଯୋଗ କରିଥିଲେ।

# ସୁବଳୟାରେ ଜନ ଆରୋଗ୍ୟ ସମିତି ବୈଠକ

ଅମରପାଲି,୬।୧(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜନ ଆରୋଗ୍ୟ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗ ଚିକିତ୍ସକ ଡ. ସ୍ୱପ୍ନେଶ୍ୱର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତୀ ଦନ୍ତା ଓ ସୁବଳୟା ପଞ୍ଚାୟତ ସରପଞ୍ଚ ପ୍ରମୋଦ ମହାପାତ୍ର ଯୋଗଦେଇ ସୁବଳୟା ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ମେଡ଼ିକାଲ ଅଧିକାରୀ ଡା. ଆନନ୍ଦ ଚନ୍ଦ୍ର ସାହୁ, ପିଏଚଓ ସ୍ୱର୍ଣ୍ଣପ୍ରଭା ଜୁଏଡ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ଆଲୋକ ସେଠ, ଡ. ବିଶ୍ୱନାଥ ରଥ, ସଭ୍ୟ ସଞ୍ଜୀବ ମେହେର, ସାମାଜିକ କର୍ମୀ କୈଳାସ ଅଗ୍ରୱାଲ, ସୁବଳୟା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବେହେରା, କସ୍ତୁରବା ଆବାସିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଯାଜ୍ଞସେନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କୃଷିଭିତ୍ତିକ ରାଜା ପର୍ବ ପୁଷ୍‌ପୁନି ପାଳିତ



ଜଣେ ମହିଳା ଛୋଟ ପିଲାମାନଙ୍କୁ ଛେରଛେରା ଦେଉଛନ୍ତି।

ନୂଆପଡ଼ା ଅଫିସ,୬।୧

ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ ଭଳି କୃଷିଭିତ୍ତିକ ରାଜା ପର୍ବ ପୁଷପୁନି ତିହାର ବା ଛେରଛେରା ଶୁକ୍ରବାର ନୂଆପଡ଼ା ଜିଲାର ପୁରପଲ୍ଲିରେ ଧୂମଧାମର ସହ ପାଳିତ ହୋଇଯାଇଛି। ଏହି ପର୍ବହେଲା ଗାଁରେ ଥିବା ଗୌତିଆ କିମ୍ବା ଜମିଦାରମାନେ ଗୋତି ଶ୍ରମିକ ଭାବେ ଯେଉଁମାନଙ୍କୁ ରଖିଥାନ୍ତି, ସେମାନଙ୍କ ଆଜିର ଦିନରେ କାର୍ଯ୍ୟ ସରି ଯାଇଥାଏ। କେତେ ଦିନ ଘରେ ଆଶ୍ରୟ ନେଇ ପୁଣି ଜମିଦାର କିମ୍ବା ଗୌତିଆଠାରେ ବର୍ଷକିଆ ଭାବେ ପାଉଣା ନେଇ କାର୍ଯ୍ୟରେ ଲାଗିଥାନ୍ତି। ସେମାନଙ୍କୁ ହଲିଆ ବୋଲି କୁହାଯାଏ। ପୌଷମାସ ପୂର୍ଣ୍ଣିମାରେ ପଡୁଥିବାରୁ ପୁଷପୁନି ବୋଲି କୁହାଯାଏ। ଏହି ଦିନରେ ଘରେ ଘରେ ମଣ୍ଡା, ପିଠା, କ୍ଷୀରି, ପୁରି କରି ଭୋଜି ଭାତର ଆସର ଜମିଥାଏ। ପ୍ରତ୍ୟେକ ଚାଷୀ ଘରେ ହସଖୁସିରେ ଦିନଟିକୁ ବିତାଇଥାନ୍ତି। ମହାଜନମାନେ ହଲିଆ ପିଲାମାନଙ୍କୁ ଖୁସି ମନାଇବା ପାଇଁ ଟଙ୍କା ପଇସା ଦେବା ସହ ନୂତନ ବସ୍ତ୍ର ମଧ୍ୟ ଦେଇଥାନ୍ତି। ଛୋଟ ଛୋଟ ପିଲାମାନେ କିମ୍ବା ବୟସ୍କ ବଢ଼ୀ,ବୁଢାମାନେ ଘରକୁ ଘର ବୁଲି ଛେର ଛେରା ମାଗିଥାନ୍ତି। ଛେର ଛେର ଛେରା ଇ ଘରର ବୁଢ଼ି କାହିଗଲା। ମଡାପିଠା ଦେମି ବୋଲି କହିଥିଲା ବୋଲି କହିଥାନ୍ତି। ଯାହା ଘରକୁ ଗଲେ ଧାନ, କୋଦୋ, ଚାଉଳ କିମ୍ବା ଟଙ୍କା ଦେଇଥାନ୍ତି। ସେହିପରି ଗାଁର ପ୍ରତ୍ୟେକ ଘରକୁ ଘର ବୁଲି ମାଗିଥାନ୍ତ। ଦିନତମାମ ପୁଷପୁନିର ଲହର ଲାଗି ରହିଥାଏ। ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ କରି ପୁଷପୁନି ମଜା ନେଇଥାନ୍ତି। ଜିଇ ଜାଗିର ଥିଲେ ବର୍ଷକରେ ଥରେ ପୁଷପୁନି ଆସେ ବୋଲି ବୟୋଜ୍ୟେଷ୍ଠମାନେ ସାନମାନଙ୍କୁ ଆଦର କରିଥାନ୍ତି।

# ଜଳଯୋଗାଣ ପ୍ରକଳ୍ପରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନକୁ ବିରୋଧ

**ସୁବର୍ଣ୍ଣପୁର ଜିଲା ପରିଷଦ ବୈଠକ**

■ ବିଦ୍ୟୁତ୍ ବିଭାଗର କାର୍ଯ୍ୟକୁ ନେଇ ଅସନ୍ତୋଷ

ସୋନପୁର,୬।୧(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ପରିଷଦର ବୈଠକ ଜିଲା ପରିଷଦ ସଭାପତି ସୁପାର ଠେଲାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ତଥା ଜିଲା ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅବୋଲି ସୁନିଲ ନରୱଣେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗତ ଜିଲା ପରିଷଦ ବୈଠକର ସମସ୍ତ ଆଲୋଚ୍ୟ ପ୍ରସ୍ତାବକୁ ଏହି ଅବସରରେ ଗୃହୀତ କରା ଯାଇଥିଲା। ପିପୁଲ୍ସ ପ୍ଲାନ କ୍ୟାମ୍ପେନ ୨୦୨୨ ଓ ଜିଲା ପଞ୍ଚାୟତ ଉନ୍ନୟନ ଯୋଜନା((ଡିପିଡିପି) ୨୦୨୩-୨୪ ବିଷୟରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଦ୍ୟୁତ୍ ବିତରଣ କମ୍ପାନୀ ଟାଟା ପାୱାରସ୍‌ର କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଉଥିଲା। କମ୍ପାନୀ ଗ୍ରାହକଙ୍କ ଠାରୁ ଅଧିକ ଦେୟ ନେଉଥିବା ବେଳେ ସେବା ଯୋଗାଉ ନ ଥିବା ଜିଲା ପରିଷଦ ସଦସ୍ୟ ମଧୁସୂଦନ ଓତା ଅଭିଯୋଗ କରିଥିଲେ। ଗ୍ରାମାଞ୍ଚଳରେ ଲୋ ଭୋଲଟେଜ୍ ସମସ୍ୟା ଲାଗି ରହୁଥିବା ବେଳେ ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁ ଜନସାଧାରଣ ହୀନସ୍ତା ହେଉଛନ୍ତି। ଏପରି ସ୍ଥଳେ ବିଦ୍ୟୁତ୍ ବିଭାଗ ଏରିଅର ବାକି ଥିବା ଦର୍ଶାଇ କିଛି ପଞ୍ଚାୟତର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଗୁଡିକୁରୁ ବିଦ୍ୟୁତ୍ ସଂଯୋଗ ଛିନ୍ନ କରୁଛି। ଏଥିଯୋଗୁ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ତରଭା ବ୍ଲକର ଦେଉଳପଦରରେ ନୂତନ ଗ୍ରୀଡ ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଟ୍ରାନ୍ସଫର୍ମରଗୁଡିକ ମୁକୁଳା ପଡିଛି ବୋଲି ଅଭିଯୋଗ ହୋଇଥିଲା। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ପାନୀୟ ଜଳ ଯୋଗାଣ ପ୍ରକଳ୍ପରୁ ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ସଂଯୋଗ ଛିନ୍ନ କରି ପାରିବେ ନାହିଁ। ଏ ସମ୍ପର୍କରେ ସଚିବଙ୍କ ଚିଠି ଥିବା ଜଣାଇଥିଲେ। ବୀରମହାରାଜପୁର ବ୍ଲକର ବାଗବର ପଞ୍ଚାୟତର କିଛି ଗ୍ରାମରେ ବିଦ୍ୟୁତ୍ ସଂଯୋଗ ପାଇଁ ଗତ ୨ ବର୍ଷ ହେଲା ବିଦ୍ୟତ୍ ଖୁଣ୍ଟ ପୋତା ଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯାଉନି। ଲୋକେ ଅସୁବିଧା ଭୋଗୁଛନ୍ତି। ସେହିପରି ଧାନ କିଣାରେ ଚାଷୀଙ୍କ ଠାରୁ କୁଇଣ୍ଟାଲ ପ୍ରତି ୩ କିଲୋ କଟା ଯାଉଥିବା ଜିଲା ପରିଷଦ ସଭ୍ୟ ଲବ କୁମାର ସାହୁ ଅଭିଯୋଗ କରିଥିଲେ। ଜିଲାରେ ମାଛ ଚାଷ ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ରହିଛି। ତେଣୁ ଜିଲାରେ ମତ୍ସ୍ୟ ବିଭାଗର ଏକ କଲେଜ ଖୋଲିବାକୁ ସାହୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ କ୍ରପ୍ ଡାଇଭରସିଟି ପ୍ରୋଗ୍ରାମ ଜିଲାରେ ଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ ହୋଇଥିଲା। ଗ୍ରାମ୍ୟ କୃଷି କର୍ମଚାରୀ ହେଡକ୍ୱାର୍ଟର୍ସରେ ରହୁ ନଥିବାରୁ ଚାଷୀ ବିହନ ଓ ରୋଗ ପୋକ ସମ୍ପର୍କରେ ଉପଯୁକ୍ତ ପରାମର୍ଶ ପାଉ ନଥିବା ଜିଲା ପରିଷଦ ସଭ୍ୟାସଭ୍ୟ ମାନେ ଅଭିଯୋଗ କରିଥିଲେ। ନଦୀ, ନାଳ ଜଳର ସୁବିନିଯୋଗ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ହସ୍ତତନ୍ତ, ବନବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଶ୍ରମ, ଯୋଗାଣ, ଶିକ୍ଷା, ଜଳସମ୍ପଦ, ଉଦ୍ୟାନ ବିଭାଗ, ପ୍ରାଣୀ ସମ୍ପଦ ବିଭାଗ, ଜଳସେଚନ ଆଦି ବିଷୟରେ ଆଲୋଚନା ହେବା ସହ ବିଭାଗ କାର୍ଯ୍ୟର ସମୀକ୍ଷା ହୋଇଥିଲା। ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁରଙ୍କ ସମେତ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଏମ୍‌ପିଙ୍କ ପ୍ରତିନିଧି ଶରତ କୁମାର ଶତପଥୀ, ସୋନପୁର ବିଧାୟକଙ୍କ ପ୍ରତିନିଧି ବାସୁଦେବ ରଣା, ସୋନପୁର ବ୍ଲକ ଅଧ୍ୟକ୍ଷା ପ୍ରହଲ୍ଲାଦ ନାୟକ, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ଡୁଙ୍ଗୁରିପାଲି ବ୍ଲକ ଅଧ୍ୟକ୍ଷା ଅହଲ୍ୟା ସାହୁ, ବିନିକା ବ୍ଲକ ଅଧ୍ୟକ୍ଷା ଦୀପ୍ତିରେଖା ନନ୍ଦ, ଉଲୁଣ୍ଡା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର, ଜିଲା ପରିଷଦ ସଭ୍ୟ ଅଞ୍ଜଳି କମ୍ପ, ଶକୁନ୍ତଳା ପୃଷ୍ଟି, ମଞ୍ଜୁଶ୍ରୀ ମାଝି, ଚନ୍ଦ୍ରକାନ୍ତି ଦନ୍ତା, ସସ୍ମିତା ମହାନ୍ତି, ପ୍ରମିଳା କଲତା, ବିଜୟଲକ୍ଷ୍ମୀ ତରାଇ, ବଶିଷ୍ଟ ଭରାସାଗର ଓ ଗଣେଶ ଚନ୍ଦ୍ର ଭୋଇ ପ୍ରମୁଖ ବୈଠକରେ ଅଂଶଗ୍ରହଣ କରିଥିଲେ। ଜିଲାର ସମସ୍ତ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ।

## ସଂକ୍ଷେପରେ

### ନିଆଁରେ ପୋଡ଼ି ମହିଳା ମୃତ

**ରାଉରକେଲା ଅଫିସ,୬ା୧:** କେ. ବଲାଙ୍ଗ ଥାନା ବଡବାଲିଯୋଡ଼ ଗ୍ରାମର ଜଣେ ମହିଳା ଶୀତ ଯୋଗୁ ନିଆଁରେ ସେକି ହେଉଥିବାବେଳେ ପୋଡିଯିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଶ୍ରୀମତି ସିଂ(୬୦)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩।୨୩) ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ଶ୍ରୀମତି ଶୁକ୍ରବାର ସକାଳେ ଘର ଦୁଆର ମୁହଁରେ ନିଆଁ ଲଗାଇ ସେକି ହେଉଥିଲେ। ଏହି ସମୟରେ ହଠାତ ତାଙ୍କ ଲୁଗାରେ ନିଆଁ ଲାଗି ଯାଇଥିଲା। ଫଳରେ ଏହି ନିଆଁ ତାଙ୍କ ଦେହସାରା ଖେଳାଇ ହୋଇ ଯାଇଥିଲା। ଶ୍ରୀମତି ଚିତ୍କାର କରିବାରୁ ପାଖ ପଡୋଶୀ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ କେ. ବଲାଙ୍ଗ ଡାକ୍ତରଖାନା ଏବଂ ଅବସ୍ଥା ଗୁରୁତର ହେବାରୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଅପରାହ୍ନ ସାଢ଼େ ୨ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ପିଲାଙ୍କର ଶିକ୍ଷା ଅଧିକାର ଆଇନ-୨୦୦୯ ସମ୍ପର୍କିତ ଆଲୋଚନାଚକ୍ର

**ଦେବଗଡ଼,୬ା୧(ଡି.ଏନ.ଏ.):** ଦେବଗଡ଼ ଜିଲା ବାରକୋଟସ୍ଥିତ ସ୍ନାତକ ମହାବିଦ୍ୟାଳୟ ଶିକ୍ଷା ବିଭାଗ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର 'ପିଲାମାନଙ୍କର ଶିକ୍ଷା ଅଧିକାର ଆଇନ- ୨୦୦୯'ସମ୍ପର୍କିତ ଏକ ସେମିନାର ବା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଶିକ୍ଷା ବିଭାଗ ଅଧାପିକା ମଧୁମିତା ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ଜିତେନ୍ଦ୍ର କୁମାର ସାହୁ, ଯୁକ୍ତ ୨ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧାପିକା ସେବତୀ ଭୋଇ ଯୋଗଦେଇଥିଲେ। ଅନ୍ୟ ଅଧାପିକା ଅଧାପିକାମାନେ ଯୋଗଦେଇ ଆଲୋଚ୍ୟ ବିଷୟ ବସ୍ତୁ ପିଲାମାନଙ୍କର ଶିକ୍ଷା ଅଧିକାର ଆଇନ- ୨୦୦୯ ଉପରେ ଆଲୋଚନା କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଶେଷରେ ମହାବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ଶ୍ରୀମତୀ ନନ୍ଦ ଧନ୍ୟବାଦ ଦେଇଥିଲେ।

### ଜାତୀୟ ସେବା ଯୋଜନାର ଅଭିମୁଖୀକରଣ କାର୍ଯ୍ୟକ୍ରମ

**ରାଉରକେଲା ଅଫିସ,୬ା୧:** ସେକ୍ଟର-୪ ସ୍ଥିତ ରାଉରକେଲା କଲେଜ ପରିସରରେ ଜାତୀୟ ସେବା ଯୋଜନାର ସଂଯୁକ୍ତ ଶାଖା ପକ୍ଷରୁ ଅଫିସର ଅଧ୍ୟାପକ କରୁଣାକର ପାଟଶାଣୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭିମୁଖୀକରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କଲେଜର ଅଧ୍ୟାପିକା ପ୍ରଫେସର ସୁଜାତା ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ପ୍ରାଧାପକ୍ଷ ବନବିହାରୀ କିଷାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍)ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସ୍ୱେଚ୍ଛାସେବୀ ସାହିଲ ପ୍ରଧାନ, ସୌମ୍ୟରଞ୍ଜନ ପଟ୍ଟନାୟକ, ଅର୍ଣ୍ଣପୂର୍ଣ୍ଣା ବରାଳ, ସୁବ୍ରତ ନାୟକ, ପ୍ରକାଶ ଝା ପ୍ରମୁଖ ଉପସ୍ଥିତ ଥିଲେ। ରଶ୍ମିପ୍ରଭା ମାଥାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଚନ୍ଦଲୀଶକ୍ତିପୀଠରେ ପୁଷ୍‌ପୁନି ଯାତ୍ରା

**ଲେଫ୍ରିପଡ଼ା,୬ା୧(ଡ଼ି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ରାଏଡିହି ପଞ୍ଚାୟତର ଚନ୍ଦଲୀପାହାଡ଼ରେ ଥିବା ଶକ୍ତିପୀଠରେ ଶୁକ୍ରବାର ପୁଷପୁନି ଯାତ୍ରା ଅନୁଷ୍ଠିତ ହୋଇଛି। ଆୟୋଜିତ ଯାତ୍ରାରେ ପଡ଼ୋଶୀ ଝାରସୁଗୁଡ଼ା ଜିଲା ସହ ଛତିଶଗଡ଼ ରାଜ୍ୟର ବିଭିନ୍ନ ଗ୍ରାମ ସମେତ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମାନସିକ ପୂରଣ ସକାଶେ ଶକ୍ତିପୀଠରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବୋଦା, କୁକୁଡ଼ା ବଳି ପ୍ରଦାନ କରିଥିଲେ। ଭିଡ଼କୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ପାହାଡ଼ ଉପରେ ଥିବା ମନ୍ଦିରକୁ ଯିବା ପାଇଁ ଶ୍ରଦ୍ଧାଳୁଙ୍କୁ ସାହାଯ୍ୟ ସକାଶେ ସର୍ଗିପାଲି, ଦର୍ଲିପାଲି ମହାବିଦ୍ୟାଳୟର ଛାତ୍ରୀଛାତ୍ର ସହଯୋଗ କରିଥିଲେ। ମା' ଚନ୍ଦଲୀପାଟ କ୍ଲବ ଚନ୍ଦଲୀ, ରାଏବଗା ପୂଜା କମିଟି ପକ୍ଷରୁ ଭିନ୍ନ ଭିନ୍ନ ଭାବେ ଜନସାଧାରଣଙ୍କୁ ସେବା ପ୍ରଦାନ କରାଯାଇଥିଲା। ଚନ୍ଦଲୀ ଶକ୍ତିପୀଠର କିମ୍ବଦନ୍ତୀ ଅନୁଯାୟୀ ଆବାହମାନ କାଳରେ ସେହି ପାହାଡ଼ର ତଳେ ଏକ ସ୍ଥାନରେ ପୂଜକ ପୂଜା କରୁଥିଲେ। ପୂଜକ ଜଣକ ପୂଜା କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ପୂଜା ଗଡ୍ଡୁଟିକୁ ଭୂଲି ଯିବାରୁ ପୁଣି ପୂଜା ସ୍ଥଳକୁ ଫେରିଥିଲେ। ପୂଜାସ୍ଥଳରେ ଦେବତାଙ୍କ ସମାବେଶ ହୋଇଥିବାବେଳେ ପୂଜାରୀ ଜଣକ ପୂଜାଗଡ୍ଡୁଟି ନେବା ପାଇଁ ଅନୁରୋଧ କରିଥିଲେ। ସେତେବେଳେ



ଚନ୍ଦଲୀଶକ୍ତି ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି।

**ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼**

ଦେବତାମାନେ ପୂଜାରୀ ଉପରେ ରାଗିଯାଇ ପୂଜାଗଡ୍ଡୁଟି ଫିଙ୍ଗିଦେଇଥିଲେ। ଗଡ୍ଡୁଟି ଯାଇ ଚନ୍ଦଲୀପାହାଡ଼ ଉପରେ ପଡିଥିଲା। ସେହି ଜାଗାରେ ପଥରରେ ଏକ ଗର୍ତ୍ତ ସୃଷ୍ଟି ହୋଇଗଲା। ଗଡ୍ଡୁଟିକୁ ନେଇ ପୂଜାରୀ ଜଣକ ଘରକୁ ଫେରିଥିଲେ। ପାହାଡ଼ ଉପରେ ଗଡ୍ଡୁଟି ପଡ଼ିଥିବା ସ୍ଥାନରେ ପୂଜା କରିବା ପାଇଁ ପୂଜାରୀଙ୍କୁ ରାତ୍ରିରେ ସ୍ୱପ୍ନାଦେଶ ହୋଇଥିଲା। ପରବର୍ତ୍ତୀ ସମୟରୁ ସେହି ସ୍ଥାନରେ ପୂଜାପାଠ ହେଉଥିବା ଜଣାପଡିଛି। ପାହାଡ଼ ଉପରେ ଚନ୍ଦଲୀଶକ୍ତି ପୀଠ ଅବହେଳିତ ଭାବେ ରହିଥିବାରୁ ଗତ ୨୦୧୭ରେ ନୂଆଡ଼ିହି ଗ୍ରାମର ଅଶୋକ କୁମାର ପଟେଲ ଏକ ମନ୍ଦିର ନିର୍ମାଣ କରିଛନ୍ତି। ଏହି ଶକ୍ତିପୀଠ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଭାଜନ ହେଉଥିବାରୁ ବର୍ତ୍ତମାନ ପ୍ରାୟତଃ ସବୁ ସମୟରେ ଭିଡ଼ ରହୁଛି। ଅନ୍ୟପକ୍ଷରେ ଶକ୍ତିପୀଠଟି ଅବହେଳିତ ଭାବେ ରହିଥିବାରୁ ସ୍ଥାନୀୟ ଜିଲା ପ୍ରଶାସନ ଏହାର ଉନ୍ନତିକରଣ କରିବା ସକାଶେ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

## ମିଶନ ଶକ୍ତି ଗୃହ, ମିଶନ ଶକ୍ତି କାଫେ ଉଦ୍‌ଘାଟିତ

**କୁତ୍ରା, ୬ା୧(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା କୁତ୍ରା ପଞ୍ଚାୟତ ସମିତି ପାଖରେ ଦଶ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ମିଶନ ଶକ୍ତି କାଫେ ଓ ମିଶନ ଶକ୍ତି ଗୃହ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଏହି ମିଶନ ଶକ୍ତି କାଫେ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍ୱାବଲମ୍ବୀ ହୋଇ ପାରିବେ। ଏଠାରେ ସକାଳ ଜଳଖିଆଠାରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ଖାଦ୍ୟ ସୁଲଭ ମୂଲ୍ୟରେ ମିଳିବ। ଏଥିରେ ମୁଖ୍ୟ ଅତିଥି ଭାବେ ସିଡିପିଓ ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମହିଳାମାନଙ୍କୁ ତାଲିମ ଦେଇଥିବା କେରଳର ତାଲିମଦାତା, ମିଶନ ଶକ୍ତି ସଭାପତି ତରୁଣୀ ଲତା ସୁନାନୀ, ଜିପିଏଲଏଫ୍ ସଭାପତି ମନ୍ଦାକିନି ପଟେଲ, ସେକ୍ରେଟାରୀ ଲିଲିମା ମାଲୁଆଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇଥିଲେ।



ଶକ୍ତି କାଫେ ଓ ମିଶନ ଶକ୍ତି ଗୃହ ଉଦ୍‌ଘାଟନୀ ମୁହୂର୍ତ୍ତ।

# ବେଲପାହାଡ଼କୁ ହରାଇ ବିରତୁଲା ଚାମ୍ପିୟନ



ମୁଖ୍ୟ ଅତିଥି ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ବଡ଼ଗାଁ, ୬ା୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ବିର୍ସୁ ଗ୍ରାମରେ ୪ ତାରିଖ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିରତୁଲା ଚାମ୍ପିୟନ ହୋଇଛି। ୧୬ଟି ଟିମ୍ ଅଂଶଗ୍ରହଣ କରିଥିବା ଏହି ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲରେ ଗଙ୍ଗାଜଳକୁ ହରାଇ ବିରତୁଲା ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ବଡ଼ଗାଁକୁ ହରାଇ ବେଲପାହାଡ଼ ଫାଇନାଲକୁ ଯାଇଥିଲା। ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ବେଲପାହାଡ଼କୁ ହରାଇ ବିର୍ତୁଲା ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଉସବରେ ବଡ଼ଗାଁ 'କ' ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସେହିପରି ସ୍ଥାନୀୟ ସରପଞ୍ଚ ଯୋଗିନ୍ଦ୍ର କିଷାନ, ପାଲା ଗାୟିକା ପଦ୍ମାବତୀ କିଷାନ, ପୂର୍ବତନ ନାଏବ ସରପଞ୍ଚ ତରୁଲତା ବରିହା, ଅଙ୍ଗନୱାଡ଼ି କର୍ମୀ ଜେମା ମିଞ୍ଜ, ୱାର୍ଡ ମେମ୍ବର ପଣ୍ଡୁ କିଷାନ, ଚିତ୍ତରଞ୍ଜନ ବାଡା, ମଧୂରାମ ମାଝୀ, ଗଣମାଧ୍ୟମ ପ୍ରତିନିଧି ଅଶୋକ ଷଡଙ୍ଗୀ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଅତିଥିମାନେ ଚାମ୍ପିୟନ ବିରତୁଲା ଟିମ୍‌କୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ଉପବିଜେତା ବେଲପାହାଡ଼ ଟିମ୍‌କୁ ୧୫ ହଜାର ଟଙ୍କା ସହିତ ଟ୍ରଫି, ତୃତୀୟ

**ଡକ୍ଟର ବାବା ସାହେବ ଆମ୍ବେଦକର ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ**

ସ୍ଥାନ ପାଇଥିବା ଗଙ୍ଗାଜଳ ଟିମ୍‌କୁ ୭ ହଜାର ଟଙ୍କା ସହିତ ଟ୍ରଫି ଓ ଚତୁର୍ଥ ସ୍ଥାନ ପାଇଥିବା ବଡ଼ଗାଁ ଟିମ୍‌କୁ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ ଜୟ ମହାବୀର କ୍ଲବର ସଦସ୍ୟ ରାଜେନ୍ଦ୍ର କିଷାନ, ସୁଦର୍ଶନ କିଷାନ, ଧନଞ୍ଜୟ ମିଞ୍ଜ, ଅନିଲ ବାଡ଼ା, ସାଗର ଭଇସାଲ ପ୍ରମୁଖ ଯୁବକମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟ ସମ୍ପାଦନ ହୋଇଥିଲା। ଗୁଲବଦନ ମାଝି ମଞ୍ଚ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉସବରେ ମୁଖ୍ୟ ଅତିଥି ପ୍ରଧାନ ଖେଳକୁଦର ଆବଶ୍ୟକତା ସମ୍ପର୍କରେ କହି ଏହାର ବିକାଶ ପାଇଁ ଉଦ୍ୟମ ଜାରି ରଖିଥିବା କ୍ଲବ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଖେଳାଳିମାନେ ନିରନ୍ତର ଅଭ୍ୟାସ କରି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଟୁର୍ନାମେଣ୍ଟର ଉଦ୍ୟୋକ୍ତା ମକରଧନୀ ମାଝୀ ଆମ୍ବେଦକରଙ୍କ ଆଦର୍ଶ ଜୀବନ ଉପରେ ବୁଝାଇ ଶିକ୍ଷିତ ହେଲେ ଗରିବି ଦୂରୀକରଣ ସମ୍ଭବ ହେବ ଓ ଶିକ୍ଷା ପ୍ରତି ସମସ୍ତ ପରିବାର ସଚେତନ ହେବାକୁ ବୁଝାଇଥିଲେ। ସେ ଖେଳାଳିମାନଙ୍କୁ ଉତ୍ସାହିତ କରି ଖେଳର ବିକାଶ ଦିଗରେ ପ୍ରୟାସ କରିବାକୁ କହିଥିଲେ।

## ଉପନଗରପାଳ, କାଉନସିଲର ଗିରଫ

**ଦେବଗଡ଼,୬ା୧(ଡି.ଏନ.ଏ)**

ଦେବଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ଆକ୍ରମଣ ଏବଂ ହତ୍ୟା ଧମକ ଅଭିଯୋଗ ଘଟଣାରେ ଶୁକ୍ରବାର ପୌର ପରିଷଦ ଉପାଧ୍ୟକ୍ଷ (ଉପନଗରପାଳ) ପ୍ରଜିତ କୁମାର ଭୋଜ ଓ ୬ ନମ୍ବର ୱାର୍ଡର କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ଆତ୍ମସମର୍ପଣ କରିଥିବାବେଳେ ପୋଲିସ ଉକ୍ତ ଘଟଣାରେ ସେହୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଗତ ୨ ତାରିଖ ଅପରାହ୍ନରେ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ନିଜ କାର୍ଯ୍ୟାଳୟରେ କାର୍ଯ୍ୟବ୍ୟସ୍ତ ଥିବାବେଳେ ପୌର ପରିଷଦ ଉପାଧ୍ୟକ୍ଷ ଭୋଜ ସେଠାକୁ ଆସି ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଅନୁରୂପ ଭାବେ ଭୋଜଙ୍କ ଡାକରାରେ ୬ ନମ୍ବର ୱାର୍ଡର କାଉନସିଲର ଦେବତା ସେଠାକୁ ଆସି ଭୋଜଙ୍କୁ ସହାୟତା କରିଥିବା ପୌର ପରିଷଦ ନିର୍ବାହୀ ଅଧିକାରୀ ମହାପାତ୍ର ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପୌର ପରିଷଦ ଉପାଧ୍ୟକ୍ଷ ଭୋଜ ନିର୍ବାହୀ ଅଧିକାରୀ ମହାପାତ୍ରଙ୍କ

**ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ମାଡ, ହତ୍ୟା ଧମକ ଘଟଣା**

- ପୌର ପରିଷଦର ନିର୍ବାହୀ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ

ନିକଟକୁ ଯାଇଥିବାବେଳେ ନିର୍ବାହୀ ଅଧିକାରୀ ମହାପାତ୍ର ତାଙ୍କୁ ଜାତିଆଣ ଆକ୍ଷେପ କରି କାର୍ଯ୍ୟାଳୟରୁ ବାହାରି ଯିବାକୁ ଧମକ ଦେଇଥିଲେ। ଏଥିସହ ଅଭିଷେକ ମିଶ୍ର ନାମକ ଅନ୍ୟ ଜଣେ କର୍ମଚାରୀଙ୍କ ସହ ଧକ୍କା ମାରି ତଳେ ପକାଇ ଦେଇଥିବା ଭୋଜ ଦେବଗଡ଼ ଆଦର୍ଶ ଥାନାରେ ପାଲଟା ଅଭିଯୋଗ କରିଥିଲେ। ବର୍ତ୍ତମାନ ଦେଖିବା କଥା ପୌର ପରିଷଦ ଉପାଧ୍ୟକ୍ଷ ଭୋଜ ଦେଇଥିବା ଅଭିଯୋଗ ଅନୁସାରେ ପୌର ପରିଷଦ ନିର୍ବାହୀ ଅଧିକାରୀ ମହାପାତ୍ର ଓ ଅଭିଷେକ ମିଶ୍ର ନାମକ କର୍ମଚାରଙ୍କ ବିରୋଧରେ ପୋଲିସ କେବେ କାର୍ଯ୍ୟାନୁଷ୍ଠାନ ନେଉଛି। ଅଭିଯୋଗଠାରୁ ବର୍ତ୍ତମାନ ସୁଦ୍ଧା ନିର୍ବାହୀ ଅଧିକାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଶୂନ। ତୁରନ୍ତ ସେମାନଙ୍କ ବିରୋଧରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ଉପାଧ୍ୟକ୍ଷ ଭୋଜ ଦାବି କରିଛନ୍ତି।

## ପତ୍ରିକା ପଠନର ଉପାଦେୟତା ଶୀର୍ଷକ ଆଲୋଚନାଚକ୍ର

**ରାଉରକେଲା ଅଫିସ,୬ା୧**

ଛେଣ୍ଡ୍ ଥାନା ପରିସରରେ ଥିବା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ସୁନା ଫୁଲ ସାହିତ୍ୟ ସଂସଦ ପକ୍ଷରୁ ପତ୍ରିକା ପଠନର ଉପାଦେୟତା ଶୀର୍ଷକ ଆଲୋଚନାଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏଥିରେ ଇଂ. ଅଭୟ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିଶୁ, କିଶୋରମାନଙ୍କ ମନରେ ସାହିତ୍ୟ ଓ ପତ୍ରିକା ଆଦି ପଠନ ପ୍ରତି ଆଗ୍ରହ ଓ ଆବେଗ ବଢାଇବା ନିମେନ୍ତ ଜେଜେ ମା ଓ ଜେଜେ ବାପାଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି କହିଥିଲେ। ଶିକ୍ଷାବିତ୍ ଡକ୍ଟର କିଶୋରୀ ଦାଶ ସମ୍ମାନିତ ଅତିଥି ଓ ଶିକ୍ଷାବିତ୍ ଶୁକାନ୍ତି ନାୟକ ବକ୍ତା ଭାବେ ଆଲୋଚନା କରିଥିଲେ। ସଂସଦର କାର୍ଯ୍ୟକାରୀ ସଭାପତି ଶଶଧର ପଣ୍ଡାଙ୍କ ଆହ୍ୱାନରେ କାର୍ଯ୍ୟକ୍ରମ ହୋଇଥିବାବେଳେ ସଂଘ ସଭାପତି ମହେନ୍ଦ୍ର ମହାନ୍ତି ସଭାପତିତ୍ୱ କରିଥିଲେ। ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ପତ୍ରିକାର ସମୀକ୍ଷା କରିଥିଲେ। ସତ୍ୟବ୍ରତ ଦାସ, ବ୍ରହ୍ମାନନ୍ଦ ପାଢୀ, ବିକାଶ ସେଠୀ, ସରୋଜ ସ୍ୱାଇଁ, ସନ୍ତୋଷ ରାୟ, ସନାତନ କର, ବଳରାମ ପାଲ, ସୁମିତ୍ରା ବାରିକ, ସୁରେଶ ମହାନ୍ତି, ପ୍ରମୋଦ ପାତ୍ର ସହଯୋଗ କରିଥିଲେ। ସଂସଦର ପ୍ରତିଷ୍ଠାତା ସୁନୀଲ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ୬ବର୍ଷ କାର୍ଯ୍ୟରେ ଅନୁପସ୍ଥିତ: ୨ଶିକ୍ଷକ ଚାକିରିରୁ ବହିଷ୍କାର

**ସୁନ୍ଦରଗଡ଼,୬ା୧(ଡି.ଏନ୍.ଏ.):** ଦୀର୍ଘ ୬ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୌଣସି କାରଣ ନ ଦର୍ଶାଇ କାର୍ଯ୍ୟକ୍ଷେତ୍ରରେ ଅନୁପସ୍ଥିତ ଥିବା ସୁନ୍ଦରଗଡ଼ ଜିଲାର ୨ ଜଣ ଶିକ୍ଷକ ଚାକିରିରୁ ବିଦା ହୋଇଛନ୍ତି। ଜିଲାର ବଣାଇ ବ୍ଲକର ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସତ୍ୟଭାମା ସାହୁ ଗତ ୨୦୧୬ ଜୁଲାଇ ୧୬ରୁ ୨୦୨୨ ଡିସେମ୍ବର ୨୨ ପର୍ଯ୍ୟନ୍ତ କୌଣସି କାରଣ ନ ଦର୍ଶାଇ କାର୍ଯ୍ୟରେ ଅନୁପସ୍ଥିତ ଥିଲେ। ଏଥିଯୋଗୁ ତାଙ୍କୁ ବଣାଇ ଶିକ୍ଷା ଅଧିକାରୀ ଓଡ଼ିଶା ସିଭିଲ ସାର୍ଭିସ୍ ନିୟମ ଅନୁଯାୟୀ ଚାକିରିରୁ ବହିଷ୍କାର କରିଛନ୍ତି। ସେହିପରି ଲାଠିକଟା ବ୍ଲକର ସାନମରେନି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ ଗତ ୨୦୧୭ ଜାନୁୟାରୀ ୧ରୁ ବର୍ତ୍ତମାନ ପର୍ଯ୍ୟନ୍ତ କାରଣ ନ ଦର୍ଶାଇ କାର୍ଯ୍ୟରେ ଅନୁପସ୍ଥିତ ଥିବା ଇନ୍‌କ୍ୱାରି ରିପୋର୍ଟ ଓ ରେକର୍ଡରୁ ଜଣାପଡ଼ିବା ପରେ ତାଙ୍କୁ ମଧ ଚାକିରିରୁ ବହିଷ୍କାର କରାଯାଇଛି। ଏହି ଘଟଣାର ତଦନ୍ତ କରି ବଣାଇ ଓ ଲାଠିକଟା ବ୍ଲକ ଶିକ୍ଷା ଅଧିକାରୀ ଉକ୍ତ ଦୁଇ ଶିକ୍ଷକଙ୍କୁ ବହିଷ୍କାର କରିଛନ୍ତି। ସେହିପରି ଜିଲାର ୭ ଜଣ ଶିକ୍ଷା ସହାୟକ ମଧ କାରଣ ନ ଦର୍ଶାଇ ଅନୁପସ୍ଥିତ ରହିଥିବାରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଦେବଗଡ଼, ୬ା୧(ଡି.ଏନ.ଏ)**

ଦେବଗଡ ଜିଲା ଶିକ୍ଷା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମଠାରେ ଶୁକ୍ରବାର ଜିଲା ସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗଦେଇଥିଲେ। ଏଥିସହ ଛାତ୍ରମାନଙ୍କ ଦ୍ୱାରା ମା' ପ୍ରଧାନପାଟେଶ୍ୱରୀଙ୍କ ପୀଠରୁ ଆଣିଥିବା ମାଶାଲକୁ ପଡିଆ ମଧ୍ୟରେ ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରପ୍ରାପ୍ତ ଜିଲା କ୍ରୀଡା ଅଧିକାରୀ କୈବଲ୍ୟ କିଶୋର କର, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ

**୫୭୬ ଜଣ ପ୍ରତିଯୋଗୀଙ୍କ ଅଂଶଗ୍ରହଣ**

ସିଂ, ଶକୁନ୍ତଳା ଟେଟେ ଏବଂ ମୁଖ୍ୟବକ୍ତା ଭାବେ ଦେବଗଡ଼ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ଯୋଗଦେଇ କ୍ରୀଡାର ଆବଶ୍ୟକତା ଏବଂ ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭା ଶେଷରେ ଗୋହିରା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମୁଦବନ୍ଧୁ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଦେବଗଡ ଜିଲା ଶିକ୍ଷା ନିରୀକ୍ଷକ ପଦ୍ମଲୋଚନ ପ୍ରଧାନ ଓ ତିଲେଇବଣି ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ତିଲେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ୫୭୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଥିବାବେଳେ ପ୍ରତିଯୋଗିତା ପରିଚାଳନା ନିମନ୍ତେ ବିଭିନ୍ନ ବିଦ୍ୟାଳୟର ମୋଟ ୭୯ କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିବା ଜଣାପଡିଛି। ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ ବୋଲି ଜିଲା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି । ସଭା ପ୍ରାରମ୍ଭରେ ଦେବଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ରଂଜିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ରିଆମାଳ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ରୋହିତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଘୋଷବାଦ୍ୟ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏସବୁ ଜିଲା ଶିକ୍ଷା ଅଧିକାରୀଙ୍କ ଆଖପାଖରେ ବୁଲାବୁଲି କରୁଥିବା ଜନୈକ ପ୍ରାଥମିକ ଶିକ୍ଷକଙ୍କ କଥାରେ ପଡ଼ି ଏପରି ହୋଇଥିବା କୁହାଯାଉଛି।



ଦେବଗଡ଼ରେ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

# ସୁନ୍ଦରଗଡ଼ର ପର୍ଯ୍ୟଟନ ବିଭବରେ ଯୋଡ଼ି ହେଲା ମନ୍ଦିର



ସତସଙ୍ଗ ବିହାରଠାରେ ନବନିର୍ମିତ ମନ୍ଦିର।



ପ୍ରତିଷ୍ଠା ଉତ୍ସବରେ ମହିଳାମାନେ ଭଜନ ପରିବେଷଣ କରୁଛନ୍ତି।

**ସୁନ୍ଦରଗଡ଼, ୬ା୧(ଡି.ଏନ.ଏ.)**

ସୁନ୍ଦରଗଡ଼ ସହର ଅଙ୍ଗିରାପାଟ ପାହାଡ ଉପର ସତସଙ୍ଗ ବିହାରଠାରେ ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ନବନିର୍ମିତ ଭବ୍ୟ ଶ୍ରୀମନ୍ଦିର ଶୁଭ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ସମାରୋହରେ ଅନୁଷ୍ଠିତ ହୋଇଛି। ଏଥିପାଇଁ ମନ୍ଦିର ତଥା ଜୟଗୁରୁ ସତସଙ୍ଗୀ କମିଟି ପକ୍ଷରୁ ବ୍ୟାପକ ଆୟୋଜନ ମଧ୍ୟରେ ଆୟୋଜିତ ଏହି ଉତ୍ସବରେ ବହୁ ସଂଖ୍ୟାରେ

**ଅନୁକୂଳଚନ୍ଦ୍ରଙ୍କ ନବନିର୍ମିତ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ**

ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଅବସରରେ ପ୍ରାତଃ ବେଦମାଙ୍ଗଳୀ ଏବଂ ସାହାନାଇ, ପରେ ଉଷା କୀର୍ତ୍ତନ, ପ୍ରାତଃ ନୀତି ପ୍ରାର୍ଥନା, ତାପରେ ସଦ୍ ଗ୍ରନ୍ଥପାଠ କରାଯାଇଥିଲା। ମନ୍ଦିର ପରିସରରେ ଶ୍ରୀଶ୍ରୀ ବଡ଼ମା ଓ ଶ୍ରୀଶ୍ରୀ ବଡ଼ଦାଙ୍କର ଶ୍ରୀବିଗ୍ରହ ଉନ୍ମୋଚନ, ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରଠାରେ ସଙ୍ଗୀତାଞ୍ଜଳୀ, ଆଧାତ୍ମିକ ସମ୍ମିଳନୀ, ତାପରେ ଭଜନ କୀର୍ତ୍ତନ, ମାତୃ ସମ୍ମିଳନୀପରେ ସନ୍ଧ୍ୟାରେ ସତସଙ୍ଗ ବିହାର ଠାରେ ସନ୍ଧ୍ୟା ନୀତି ଓ ପ୍ରାର୍ଥନା ଏବଂ ସଦଗ୍ରନ୍ଥ ପାଠ ତାପରେ ଦର୍ଶନ ଓ ପ୍ରଣାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨୦୧୮ ମସିହାରୁ ଏହି ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରାୟ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ଏହି ଭବ୍ୟ ମନ୍ଦିର ସୁନ୍ଦରଗଡ଼ର ପର୍ଯ୍ୟଟନ ବିଭବରେ ଯୋଡି ହୋଇ ଯାଇଛି। ଅଙ୍ଗିରାପାଟ ପାହାଡର ପ୍ରାକୃତିକ ସବୁଜିମା ଶୋଭାରାଜି ସହିତ ଏହି ଭବ୍ୟ ମନ୍ଦିର ସୁନ୍ଦରଗଡ଼ ସହରର ଶୋଭାରାଜିକୁ ଆହୁରି ଦ୍ୱିଗୁଣିତ କରିଛି। ଏହି ପ୍ରତିଷ୍ଠା ମହୋତ୍ସବରେ ବିଭିନ୍ନ ସ୍ଥାନରୁ ହଜାର ହଜାର ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କ ସମାଗମ ହୋଇଥିଲା। ନାରୀ କଲ୍ୟାଣ କେନ୍ଦ୍ର ପ୍ରାଙ୍ଗଣରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ ହୋଇଥିଲା।

**ଚକ୍ଷୁ ପରୀକ୍ଷା ଶିବିର**

ଖପ୍ରାଖୋଲ,(ଡି.ଏନ.ଏ.): ସ୍ଥାନୀୟ ବ୍ଲକ ପରିସରରେ ୟୁଥ ବ୍ଲଡ ଡୋନର ଗ୍ରୁପ ଓ ଏସ ସିଡି ଆୟେ ହସ୍ପିଟାଲ ଟିଟିଲାଗଡର ମିଳିତ ଉଦ୍ୟମରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଡିଓ ରଶ୍ମି ରଞ୍ଜନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍ଘାଟନ କରିଥିଲେ। ବ୍ଲକର ବିଭିନ୍ନ ଗାଁରୁ ୫୦ଜଣ ରୋଗୀ ଚକ୍ଷୁ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିବା ବେଳେ ୨୦ ରୋଗୀଙ୍କୁ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର ପାଇଁ ଚୟନ କରାଯାଇ ଟିଟିଲାଗଡ ଏସସିଡି ଚକ୍ଷୁ ହସ୍ପିଟାଲ ନିଆଯାଇଥିଲା। ଚକ୍ଷୁ ବିଶେଷଜ୍ଞ ସମେତ ୟୁଥ ବ୍ଲଡ ଡନର ଗ୍ରୁପର ଅକ୍ଷୟ ପ୍ରଧାନ, ବ୍ଲକ ଏପିଓ ପ୍ରଶାନ୍ତ ସାହୁ, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ

ଟିଟିଲାଗଡ,୬।୧(ଡି.ଏନ.ଏ.): ଶୁକ୍ରବାର ଟିଟିଲାଗଡ ସହର ନିକଟସ୍ଥ ଶାନ୍ତିନଗର କୁଷ୍ଠାଶ୍ରମ ଅନ୍ତେବାସୀଙ୍କୁ ଅନ୍ତର୍ଜାତୀୟ ସାମାଜିକ ସଂଗଠନ ଗୁଞ୍ଜ ପକ୍ଷରୁ ଶୀତ ବସ୍ତ୍ରବଣ୍ଟନ କରାଯାଇଛି। ପ୍ରଚଣ୍ଡ ଶୀତ କାକର ରାତିରେ ଶାନ୍ତିନଗରସ୍ଥିତ ଅନ୍ତେବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ସୂଚନାଯୋଗ୍ୟ. ଦୀର୍ଘ ବର୍ଷ ଧରି କୁଷ୍ଠାରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଏକ ବିଦେଶୀ ଅନୁଷ୍ଠାନ ଏଠାରେ ରଖି ଯତ୍ନ ନେଉଥିଲା। କିଛି ବର୍ଷ ହେଲା ଉକ୍ତ ଅନୁଷ୍ଠାନ ଚାଲିଯିବା ପରେ ଅନ୍ତେବାସୀଙ୍କ ଦୁର୍ଦ୍ଦଶା ବଢ଼ିଛି। କରୋନା ମହାମାରୀ ସମୟରେ ସ୍ଥାନୀୟ ଲାୟନ୍ସ କ୍ଲବ, ରାଏମନ ଫାଉଣ୍ଡେଶନ ପକ୍ଷରୁ ରଞ୍ଜୁ ରାଏମନ, ଶଗଡ଼ଘାଟ ସରପଞ୍ଚ ଅଳିତା ସାହୁ, ସାମାଜିକ କର୍ମୀ ଜିତୁ ସାହୁ, ସୁରେଶ ବାଗ ଏମାନଙ୍କର ଦେଖାଶୁଣା କରି ଆସୁଥିଲେ। ତେବେ ବର୍ତ୍ତମାନ ଅନ୍ତେବାସୀ ଭିକ୍ଷାବୃତ୍ତି କରି ଜୀବନ ଜୀବିକା ନିର୍ବାହ କରୁଥିବା ଦେଖାଯାଏ। ଏନେଇ ସୂଚନା ପାଇ ଗୁଞ୍ଜ ଅନୁଷ୍ଠାନର ସଦସ୍ୟ ଅଶୋକ ବେହେରା ତଥା ଅନ୍ୟ ସଦସ୍ୟ ପହଞ୍ଚି ଅନ୍ତେବାସୀଙ୍କୁ କମ୍ବଳ ବଣ୍ଟନ ସହ ଆଲୋଚନା କରିଥିଲେ। ଏହି ଅବସରରେ ଆଶ୍ରମ ପରିସରରେ ସଫେଇ କାର୍ଯ୍ୟ ହୋଇଥିଲା। ସୁକାନ୍ତି କୁମ୍ଭାର, ଡିଙ୍ଗର ତାଣ୍ଡି, ମଧୁ ବାଗ, ବିଭୁ ପ୍ରସାଦ ଶିକା,ରାଜିନ୍ଦ୍ର ବେନିଆ ପ୍ରମୁଖ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ।

## ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ

ନୂଆପଡ଼ା ଅଫିସ,୬।୧: ନୂଆପଡା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ହେମକାନ୍ତ ସାଏ ଜିଲାର ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ବର୍ତ୍ତମାନ ସମୟରେ ଭୋଟର ତାଲିକାରେ ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଧାର୍ଯ୍ୟ ତାରିଖ ୨୦୨୩ ଜାନୁୟାରୀ ୧ ପର୍ଯ୍ୟନ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହା ବ୍ୟତିତ ଜିଲାର ୨୩ଟି ବୁଥ ନାମର ପରିବର୍ତ୍ତନ କରାଯାଇଥିବା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ପ୍ରକାଶ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ସମେତ ରାଜ୍ୟ ପର୍ଯ୍ୟବେକ୍ଷକ ରଞ୍ଜନ କୁମାର ବିଶ୍ୱାଳ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ନିର୍ବାଚନ ଅଧିକାରୀ ପ୍ରିୟଦର୍ଶନୀ ମଲ୍ଲିକ ଓ ବିଭିନ୍ନ ରାଜନୈତିକ ଦଳର ମୁଖପାତ୍ରମାନେ ସଂଶୋଧିତ ଭୋଟର ତାଲିକା ପ୍ରକାଶ କରିଥିଲେ।

# ଶିଶୁମାନଙ୍କ ପାଟିରୁ ଆଉ ଶୁଭୁନି ଛେର୍ ଛେର୍ଛେରା ଶବ୍ଦ

ଲାଠୋର,୬।୧(ଡି.ଏନ.ଏ.)


ପୁଷପୁନି ଅବସରରେ ମାଲପଡ଼ା ଗ୍ରାମର ଶିଶୁମାନେ ଘରକୁ ଘର ବୁଲି ଛେର୍ଛେରା ମାଗୁଛନ୍ତି।

ପୁଷପୁନି ହେଉଛି ଦ୍ୱିତୀୟ କୃଷିଭିତ୍ତିକ ପର୍ବ। ଫସଲ ଅମଳ ହେବା ପରେ ପୌଷ ମାସ ଶୁକ୍ଳ ପକ୍ଷ ପୂର୍ଣ୍ଣିମା ତିଥିରେ ଏହି ପର୍ବ ପଶ୍ଚିମ ଓଡିଶାର ୧୦ ଗୋଟି ଜିଲାରେ ପାଳନ କରାଯାଇଥାଏ। ସେହି କ୍ରମରେ ବଲାଙ୍ଗୀର ଜିଲା ଲାଠୋର ଅଞ୍ଚଳରେ ଶୁକ୍ରବାର ପୁଷପୁନି ପର୍ବ ପାଳିତ ହୋଇଛି। ତେବେ ଆଗର ସେହି ପୁଷପୁନି ପର୍ବ ପରି ମନେ ହେଉ ନ ଥିବା ନେଇ ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ପୁଷପୁନି ନେଇ ଲୋକଙ୍କ ଭିନ୍ନ ମତ ରହିଥିଲେ ମଧ୍ୟ ମୁଖ୍ୟତଃ ଏହା ପର ଘରେ ମୂଲ ଲାଗି (ହଳିଆ) ଚଳୁଥିବା ଲୋକଙ୍କ ପାଇଁ ଏକ ମୁଖ୍ୟପର୍ବ। ବର୍ତ୍ତମାନ ଗ୍ରାମାଞ୍ଚଳରେ ଏହି ପର୍ବ ପାଳନ ହେଉଥିବା ବେଳେ ସହରାଞ୍ଚଳରେ ସେତେଟା ନାହିଁ। ଛୋଟ ଛୋଟ ଶିଶୁମାନଙ୍କ ପାଟିରୁ ଆଉ ଶୁଣିବାକୁ ମିଳୁନି ସେହି ଛେର୍ ଛେରଛେରା ଶବ୍ଦ। ପୂର୍ବକାଳରେ ଗରିବ ଖଟିଖିଆ ଲୋକ ସାହୁକାର(ମହାଜନ) ପାଖରେ ଏକ ବର୍ଷ ପାଇଁ ହଳିଆ ଭାବେ ଖଟି ଚାଷବାସ କରିବା ସହ ସେମାନେ ରଖିଥିବା ଗାଇ,ଗୋରୁ,ଛେଳି,ମେଣ୍ଢାକୁ ଚରାଉଥିଲେ। ଏହି କାର୍ଯ୍ୟ ପାଇଁ ମହାଜନ ଯାହା ଦେଉଥିଲେ ସେଥିରେ ହଳିଆଙ୍କ ପରିବାର ଚଳୁଥିଲା। ପୌଷ ପୂର୍ଣ୍ଣିମା ଦିନ ତାଙ୍କର ଏକ ବର୍ଷର ଚୁକ୍ତି ସମ୍ପୂର୍ଣ୍ଣ ହେଉଥିବାରୁ ମହାଜନମାନେ ସେମାନଙ୍କୁ ଛୁଟି ଦେବା ସହ ଖୁସିରେ ନିଜର କ୍ଷମତା ଅନୁସାରେ ଧାନ,ଚାଉଳ,ଟଙ୍କା ପଇସା ଇତ୍ୟାଦି ଭେଟି ଆକାରରେ ଦେଉଥିଲେ। ଏହାକୁ ନେଇ ହଳିଆ ପରିବାରମାନେ ଘର ଲିପା ପୋଛା କରି ଦାଣ୍ଡ ଦୁଆରେ ଗୋବର ମଣ୍ଡେଇ ଘରେ ଘରେ ଖିରି, ପିଠାପଣ, ମାଛ,ମାଂସ କରୁଥିଲେ। ବିଶେଷ କରି ଚାଉଳ ଗୁଣ୍ଡରେ ପୁଷପୁନି ମଣ୍ଡା ପିଠା ତିଆରି କରି ଖୁସିରେ ନିଜ ନିଜ ଇଷ୍ଟ ଦେବାଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରି ଆଗାମୀ ଏକ ବର୍ଷ ପାଇଁ ଭଲ ମହାଜନ ମିଳିବା ଏବଂ ରୋଜଗାର ବଢୁ ବୋଲି ମନସ୍କାମନା କରିବା ସହ ସେହି ମଣ୍ଡାପିଠାକୁ ସପରିବାର ଖାଉଥିଲେ ଏବଂ ନିଜ ବନ୍ଧୁ ବର୍ଗଙ୍କ ଘରକୁ ମଧ୍ୟ ଦେଉଥିଲେ। ଏହି ପର୍ବରେ ଆଉ ଏକ ପରମ୍ପରା ରହିଛି। ସେ ପରମ୍ପରା ହେଉଛି ଛୋଟ ଶିଶୁମାନେ ଆନନ୍ଦରେ ପୁଷପୁନି ଦିନ ଦଳ ଦଳ ହୋଇ ଗ୍ରାମର ପ୍ରତ୍ୟେକ ଘରକୁ ଘର ବୁଲି ପୁଷପୁନି ଛେର୍ ଛେରଛେରା ବୋଲି କହି ବୁଲନ୍ତି। ପୁଷପୁନି ପର୍ବର ରୀତିନୀତି ଅନୁସାରେ ଲୋକ ସଂପୃକ୍ତ ଶିଶୁମାନଙ୍କୁ ପିଠା, ଟଙ୍କା, ପଇସା, ଧାନ,ଚାଉଳ ଇତ୍ୟାଦି ଦିଅନ୍ତି। ସେସବୁକୁ ଶିଶୁମାନେ ସଂଗ୍ରହ କରି ଗ୍ରାମର ସ୍ଥାନେ ସ୍ଥାନେ ଭୋଜିଭାତର ଆୟୋଜନ କରି ଖାଇଥାନ୍ତି। ବର୍ତ୍ତମାନ ମଧ୍ୟ ମହାଜନମାନେ ହଳିଆ ରଖି କାମ କରାଉଥିବା ପରମ୍ପରା ଜାରି ରହିଛି। ହେଲେ ମହାଜନ ଏବଂ ହଳିଆ ମଧ୍ୟରେ ସେ ମଧୁର ସମ୍ପର୍କ ଆଉ ଦେଖାଯାଉ ନାହିଁ। ଗ୍ରାମାଞ୍ଚଳରେ ଏହି ପର୍ବ କିଛି ମାତ୍ରାରେ ବଞ୍ଚି ରହିଥିବା ବେଳେ ଆଧୁନିକ ଚାକଚକ୍ୟରେ ପାଳନ ହେଉଥିବା ବିଭିନ୍ନ ପର୍ବପର୍ବାଣି ଏହି ପାରମ୍ପରିକ କୃଷିଭିତ୍ତିକ ପର୍ବ ପୁଷପୁନିକୁ ଫିକା ପକେଇ ଦେଉଛି। ଏଥିପ୍ରତି ଅଞ୍ଚଳର ଲୋକଙ୍କ ଭିତରେ ଆଗ୍ରହ ସୃଷ୍ଟି ନ ହେଲେ ଆଉ କିଛି ଦିନ ପରେ ଏହି ପର୍ବ କ୍ରମଶଃ ସତ୍ତା ହରାଇବା ଆଶଙ୍କା ଏଡାଇ ଦିଆଯାଇ ନ ପାରେ। ଏହି ପାରମ୍ପରିକ ମହାନ କୃଷିଭିତ୍ତିକ ପର୍ବକୁ ଉଜ୍ଜୀବିତ ରଖିବାକୁ ହେଲେ ଏହାକୁ ସରକାରୀ ସ୍ତରରେ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଏନ୍ଏସ୍ଏସ୍ ପକ୍ଷରୁ ଶୀତକାଳୀନ ଶିବିର

କୋକସରା,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାରଠାରୁ ଜାତୀୟ ସେବା ଯୋଜନା ଏନ୍ଏସ୍ଏସ୍ ଛାତ୍ରୀଛାତ୍ରଙ୍କୁ ନେଇ ଶୀତକାଳୀନ ଶିବିର ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡାରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁଣାକାର ପଣ୍ଡା ଏନ୍ଏସ୍ଏସ୍ ପତାକା ଉତ୍ତୋଳନ କରିବା ପରେ ଅଧ୍ୟାପିକା କନକ ମଞ୍ଜରି ବେହେରା, ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ ଉପସ୍ଥିତ ରହି ସମାଜର ସେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ସହ ସମାଜରେ ଏକ ନୂତନ ଦିଶା ଲୋକଙ୍କ ମଧ୍ୟରେ ଉଜାଗର ହେବ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ପ୍ରାୟ ୫୦ଜଣ ଛାତ୍ରୀଛାତ୍ର ଜନସାଧାରଣଙ୍କୁ ଭେଟି ଗ୍ରାମ ପରିବେଶ ସ୍ୱଚ୍ଛତା ଓ ଜନସଚେତନତା ଉପରେ ସଚେତନତାର ବାର୍ତ୍ତା ଦେଇଥିଲେ। ଏନଏସଏସ ପରାମର୍ଶ ଦାତା ଅଧ୍ୟାପକ ଅଇରୀ ନାସନ ଚିନ୍ଧା କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ଡିଗ୍ରୀ ମହା ବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ।

# ଖପ୍ରାଖୋଲ ଅଞ୍ଚଳରେ ପୁଷ୍‌ପୁନି ପର୍ବ ପାଳିତ

**ସବୁଠି ଛେର୍ ଛେରଛେରାର ଡାକ**

ଖପ୍ରାଖୋଲ,୬।୧(ଡି.ଏନ.ଏ.)


ପୁଷପୁନି ଛେର୍ ଛେରାଛେରା।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ପୌଷ ପୂର୍ଣ୍ଣିମା ଅବସରରେ ପୁଷପୁନି ପର୍ବ ଶୁକ୍ରବାର ଗାଁଠାରୁ ସହର ପାଳିତ ହୋଇଯାଇଛି। ସକାଳୁ ସବୁଠି ଛେର୍ ଛେର୍ଛେରାର ଡାକ ଶୁଣିବାକୁ ମିଳିଥିଲା। ଛୋଟ ଛୋଟ ଛୁଆଙ୍କ ଠାରୁ ଆରମ୍ଭ କରି ବୟସ୍କ ଘର ଘର ବୁଲି ଧାନ, ପିଠା, ଟଙ୍କା ଆଦି ସଂଗ୍ରହ କରୁଥିବା ଦେଖାଯାଇଥିଲା। ପରମ୍ପରା ଅନୁସାରେ ପ୍ରତିବର୍ଷ ପୌଷ ପୂର୍ଣ୍ଣିମା ରେ ପଶ୍ଚିମ ଓଡ଼ିଶାର ଏହି ପର୍ବ ପାଳିତ ହେଉଥିବା ବେଳେ ନୂଆଖାଇ ପରେ ପୁଷ ପୁନି ହେଉଛି ଦ୍ୱିତୀୟ କୃଷିଭିତ୍ତିକ ଗଣପର୍ବ। ଏହିଦିନ ସମସ୍ତେ ବିଭିନ୍ନ ପ୍ରକାର ପିଠାପଣା, ଖାଦ୍ୟ ପ୍ରସ୍ତୁତି କରିବା ସହ ମାଛ ମାଂସ ଖାଇ ଖୁସି ମନାଇ ଥାଆନ୍ତି। ପୂର୍ବରୁ ପୁଷପୁନି କୃଷକ ତଥା କୃଷି ଶ୍ରମିକ ପାଇଁ ବର୍ଷ ଶେଷ ହିସାବରେ ପାଳନ ହେଉଥିଲା। ଚାଷୀ ଚାଷ କାମ ସାରି ଖୁସିରେ ଏହି ପର୍ବ ପାଳନ କରୁଥିବା ବେଳେ ଏବେ ମଧ୍ୟ ସବୁଠି ପାଳନ ହେଉଛି।

## ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ

ନୂଆପଡ଼ା ଅଫିସ,୬।୧

ନୂଆପଡା ଜିଲା ସ୍ୱାସ୍ଥ୍ୟ ବିଭାଗ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ଟେକ୍ନୋ ମେନେଜିରିଆଲ ପର୍ସନାଲ ପାଇଁ ଡକାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଜିଲାରେ ସ୍ୱାସ୍ଥ୍ୟ ବିଭାଗରେ ପ୍ରାୟ ୧୨ ଷ୍ଟାଫ ନର୍ସ, ୬ଜଣ ଲେବୋରେଟୋରୀ ଟେକନିସିଆନ, ୬ଜଣ ଡାଟା ଏଣ୍ଟ୍ରି ଅପରେଟର ଆଦି ପଦବୀଗୁଡିକ ଆଉଟସୋର୍ସିଂ ଜରିଆରେ ପୂରଣ କରାଯାଉଛି। ତେବେ ଏହି ସର୍ଭିସ ପ୍ରୋଭାଇଡର ପାଇଁ ୨୦୨୨ ଜୁଲାଇରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିରେ ପ୍ରାୟ ୧୩ଜଣ ବିଡର ଦାଖଲ କରିଥିବା ବେଳେ ଗତ ଅଗଷ୍ଟରେ ଟେକ୍ନିକାଲ ବିଡ ଖୋଲାଯାଇଥିଲା। ଟେକ୍ନିକାଲ ବିଡ ଖୋଲାଯିବା ପରେ ଟେଣ୍ଡର କମିଟି ୬ଟି ବିଡରକୁ ଚୂଡାନ୍ତ ପ୍ରକ୍ରିୟା ପାଇଁ ଚୟନ କରିଥିଲେ। ଟେକ୍ନିକାଲ ବିଡର ସବିଶେଷ ତଥ୍ୟ ଜିଲା ସରକାରୀ ୱେବସାଇଟରେ ଅପଲୋଡ କରିଥିଲେ। ପରେ ଗତ ମାସରେ ଏହି ଟେଣ୍ଡର ପ୍ରକ୍ରିୟାର ଆର୍ଥିକ ବିଡ ଖୋଲାଯାଇ ସମସ୍ତ ତଥ୍ୟ ପୁନଶ୍ଚ ଜିଲା ସରକାରୀ ୱେବସାଇଟରେ ଅପଲୋଡ କରାଯାଇଥିଲା। ତେବେ ସବୁଠାରୁ ମୁଖ୍ୟ କଥା ହେଲା ଆର୍ଥିକ ବିଡ ଖୋଲିବା ସମୟରେ କେହି ବିଡର ଉପସ୍ଥିତ ନ ଥିଲେ କିମ୍ବା ବିଭାଗ ପକ୍ଷରୁ ଆର୍ଥିକ ବିଡ ଖୋଲିବା ନେଇ କୌଣସି ବିଡରଙ୍କୁ ଅଧିକୃତ ଭାବେ ସୂଚନା ପ୍ରଦାନ କରାଯାଇ ନ ଥିଲା। ଏ ସଂକ୍ରାନ୍ତରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଦିଲୀପ କୁମାର ଦୁବେଙ୍କୁ ପଚାରିବାରୁ କୌଣସି ବିଡରଙ୍କଠାରୁ କୌଣସି ଅଭିଯୋଗ ଆସିଲେ ତାହାକୁ ଟେଣ୍ଡର କମିଟି ସମ୍ମୁଖରେ ଉପସ୍ଥାପିତ କରାଯିବ ବୋଲି କହିଥିଲେ।

# ତଦନ୍ତ ପରେ ଡିଇଓଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ

ଲୋଇସିଂହା,୬।୧(ଡି.ଏନ.ଏ.)

**ଯୋଗୀସର୍ଡା ପାକ୍ସରେ ଧାନ ବିକ୍ରି ପଞ୍ଜୀକରଣ ଜାଲିଆତି ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ଖରିଫ ଧାନ ବିକ୍ରି ପଞ୍ଜୀକରଣରେ ଜାଲିଆତି ଅଭିଯୋଗ ହୋଇଥିଲା। ଏହି ଘଟଣାର ପ୍ରଶାସନିକ ତଦନ୍ତ ପରେ ଅନିୟମିତତା ଜଣାପଡିଥିଲା। ଏହି ଅନିୟମିତତାରେ ପାକ୍ସର ଡିଇଓ ଚନ୍ଦ୍ରକାନ୍ତ ମିଶ୍ରଙ୍କ ସଂପୃକ୍ତି ରହିଥିବା ରୁ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସମବାୟ ବିଭାଗ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଡିଇଓ ମିଶ୍ରଙ୍କୁ କାର୍ଯ୍ୟରୁ ବରଖାସ୍ତ କରିଥିବା ପାକ୍ସ ବୋର୍ଡ ସଭାପତି ହୃଦୟାନନ୍ଦ ବେହେରା କହିଛନ୍ତି ।

ସୂଚନା ଅନୁଯାୟୀ, ଯୋଗୀସର୍ଡା, ବାଦିବାହାଲ ପଞ୍ଚାୟତ ଓ ବୁଢୀପଦର ପଞ୍ଚାୟତର କେତେକ ଗ୍ରାମକୁ ନେଇ ଯୋଗୀସର୍ଡା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଗଠିତ। ୨୦୨୨-୨୩ ବର୍ଷରେ ପାକ୍ସରେ ଚାଷୀଙ୍କ ଧାନବିକ୍ରି ପଞ୍ଜୀକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। କେତେକ ଚାଷୀଙ୍କ ଜମି ଥାଇ ଓ ପଞ୍ଜୀକରଣ କରି ମଧ୍ୟ ଟୋକନ ନ ଆସିବାରୁ ଧାନ ବିକ୍ରିରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ କେତେକ ଚାଷୀଙ୍କ ଜମିକୁ ପାକ୍ସର ଡିଇଓ ମିଶ୍ର ଭାଗ ଚାଷୀ ଦର୍ଶାଇ ଶତାଧିକ କୁଇଣ୍ଟାଲର କାର୍ଡ ହାତେଇ ଥିବା ନେଇ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ଉପଜିଲାପଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲା ଯୋଗଣ ଅଧିକାରୀ ଓ ଲୋଇସିଂହା ବ୍ଲକ ଯୋଗାଣ ନିରୀକ୍ଷକ ସୌମ୍ୟରଞ୍ଜନ ମହାନନ୍ଦ ଏହି ଘଟଣାର ତଦନ୍ତ କରିଥିଲେ। ବୋର୍ଡ ସଭାପତି ହୃଦୟାନନ୍ଦ ବେହେରାଙ୍କ ଉପସ୍ଥିତିରେ ଗତ ୪ ତାରିଖରେ ଅଧିକାରୀ ପାକ୍ସ ଓ କ୍ଷେତ୍ରକୁ ଯାଇ ତଦନ୍ତ କରିଥିଲେ। ତଦନ୍ତ ବେଳେ ପାକ୍ସ ଡିଇଓ ଚାଷୀଙ୍କ ବିନା ସହମତି ପତ୍ରରେ ୨ ଶହ କୁଇଣ୍ଟାଲର କାର୍ଡ ହାତେଇଥିବା ଏବଂ ସଂପୃକ୍ତ କାଗଜାତ ଅଫିସରେ ମହଜୁଦ ନ ଥିବା ତଦନ୍ତକାରୀ ଅଧିକାରୀ ଜାଣିବାକୁ ପାଇଥିଲେ। ୪ ଜାନୁୟାରୀ ସୁଦ୍ଧା ହାତେଇଥିବା କାର୍ଡରୁ ୭୪ କୁଇଣ୍ଟାଲ ୯୮ କେଜି ଧାନ ବିକ୍ରି କରିଥିବା ତଦନ୍ତ ବେଳେ ଜଣାପଡିଥିଲା। ଚାଷୀଙ୍କ ଠାରୁ କମଦରରେ କିଣି ସେହି ଧାନ ବିକ୍ରି କରିଥିବା ବେଳେ ପରିବାରର ଅନ୍ୟମାନଙ୍କ ନାମରେ ଥିବା ୨ ଟି କାର୍ଡରେ ଧାନବିକ୍ରି ପାଇଁ ମିଳିଥିବା ଟୋକନ ବାତିଲ କରାଯାଇଥିବା ପାକ୍ସ ସଭାପତି ବେହେରା ସୂଚନା ଦେଇଛନ୍ତି। ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପତ୍ର ପାକ୍ସର ହସ୍ତଗତ ହୋଇଛି। ଉଲ୍ଲେଖଯୋଗ୍ୟ, ବ୍ଲକ ଅଞ୍ଚଳର ଧାନ ବେପାରୀମାନେ ପାକ୍ସ ସହ ସଲାସୁତରା ହୋଇ ଏପରି ଜାଲିଆତି କରି ବହୁ ପରିମାଣର ଧାନବିକ୍ରି କରି ମାଲାମାଲ ହେଉଥିବା ଅଭିଯୋଗ ହୋଇଆସୁଛି। ଗତ ୩୦ ତାରିଖରେ ଯୋଗୀସର୍ଡା ପାକ୍ସ ଅଧୀନ ଭାଲିଆମୁଣ୍ଡାର ଏକ ଗୋଦାମରେ ଯୋଗାଣ ଓ ରାଜସ୍ୱ ବିଭାଗ ଚଢାଉ କରି ୪୩୯ ବସ୍ତା ଧାନ ଜବତ କରିଥିଲା।

# ଗୁହାଳ ହିତାଧିକାରୀଙ୍କୁ ମିଳିନି ଟଙ୍କା

ଲୋଇସିଂହା,୬।୧(ଡି.ଏନ.ଏ.)



ଗୁହାଳ ଆଗରେ ଠିଆ ହୋଇଥିବା ହିତାଧିକାରୀ।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ମାଗୁରବେଡା ପଞ୍ଚାୟତରେ ଆଦର୍ଶ ଗୁହାଳ ହିତାଧିକାରୀଙ୍କୁ ପ୍ରାପ୍ୟ ମିଳିବା ପାଇଁ ହଟହଟା ହେବାକୁ ପଡୁଥିବା ଅଭିଯୋଗ ହୋଇଛି। ଆଦର୍ଶ ଗୁହାଳ ନିର୍ମାଣକୁ ୩ବର୍ଷ ବିତି ଯାଇଥିଲେ ବି ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ଗୋ ଚାଷୀ ଉପକୃତ ବଦଳରେ କ୍ଷତିଗ୍ରସ୍ତ ହେଉଛନ୍ତି। ମାଗୁରବେଡା ପଞ୍ଚାୟତ ସଦର ଗ୍ରାମର ଗୋ ଚାଷୀ ପର୍ଶୁରାମ ପଟେଲ । ୨୦୧୮ ମସିହା ଡିସେମ୍ବର ୧ ତାରିଖରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟପତ୍ର ସଂଖ୍ୟା ୪୮୧୬ରେ ଗାଇଗୁହାଳ ମଞ୍ଜୁର ହୋଇଥିଲା । ଏହାର ଠିକ ବର୍ଷକ ପରେ ୩ ଡିସେମ୍ବର ୨୦୧୯ରେ ମାଗୁରବେଡା ପଞ୍ଚାୟତ ପକ୍ଷରୁ ଚାଷୀ ପଟେଲଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ପ୍ରକଳ୍ପର ସୂଚନା ଫଳକ ମୁତାବକ ବ୍ୟୟ ଅଟକଳ ୧ ଲକ୍ଷ ୧୩ ହଜାର ଟଙ୍କା। କାର୍ଯ୍ୟାଦେଶ ପାଇ କାମ ସାରିଥିଲେ। ଏହାପରେ ଗୋଟିଏ ଥର ୨୬ ହଜାର ଟଙ୍କା ଏବଂ ଏମଜିଏନଆଇଇଜିଏସ ବାବଦକୁ ୧୩ ହଜାର ଟଙ୍କା ପାଇଛନ୍ତି। ଏପରି ୧ ଲକ୍ଷ ୧୩ ହଜାରରୁ ମୋଟ ୩୯ ହଜାର ଟଙ୍କା ମିଳିଛି। ବାକି ଟଙ୍କା ଏଯାଏ ମିଳିନାହିଁ। କେବଳ ପର୍ଶୁରାମଙ୍କ କ୍ଷେତ୍ରରେ ନୁହେଁ ,ଅନ୍ୟ ହିତାଧିକାରୀଙ୍କ କ୍ଷେତ୍ରରେ ଏହା ହୋଇଛି । ବହୁବାର ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଜଣାଇ ମଧ୍ୟ ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

# ମୁରିବାହାଲ ଜୁନିୟର କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

ମୁରିବାହାଲ,୬।୧(ଡି.ଏନ.ଏ.)

**ପ୍ରଥମ ଦିବସରେ ୪୨୩ କ୍ରୀଡ଼ାବିତ୍ ଭାଗ ନେଲେ**

ବଲାଙ୍ଗୀର ଜିଲା ମୁରିବାହାଲ ଜୁନିୟର କଲେଜର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଦିନ ସ୍ଥାନୀୟ ପଞ୍ଚାୟତି ହାଇସ୍କୁଲ ଖେଳପଡିଆଠାରେ ଉଦ୍‌ଘାଟିତ ହୋଇଛି। ପ୍ରାରମ୍ଭରେ କଲେଜର ଛାତ୍ରୀଛାତ୍ରମାନେ ଏକ ମଶାଲ ଧରି ନଗର ପରିକ୍ରମା କରି ଖେଳପଡିଆକୁ ଆସିଥିଲେ। ଏହି ଅବସରରେ କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର ମହାନନ୍ଦଙ୍କ ସଭାପତିତ୍ୱରେ ଏକ ଉତ୍ସବ ହୋଇଥିଲା। ଏଥିରେ ମୁରିବାହାଲ ସରପଞ୍ଚ ବିଶ୍ୱବିହାରୀ ଯୋଶୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା, ପଞ୍ଚାୟତି ହାଇସ୍କୁଲର ପ୍ରଧାନଶିକ୍ଷକ ସୁନୀଲ ପାତ୍ର, ଇଂରାଜୀ ଅଧ୍ୟାପକ ହୃଦାନନ୍ଦ ପୁହାଣ, ଇତିହାସ ଅଧ୍ୟାପକ ନରେନ୍ଦ୍ର ପାଣିଗ୍ରାହୀ ଯୋଗଦେଇ କ୍ରୀଡାର ବିକାଶ ସହ କ୍ରୀଡାର ଉପକାରିତା ବିଷୟରେ ବକ୍ତବ୍ୟ ରଖିଥିଲେ। ୨ ଦିନ ଧରି ହେବାକୁ ଥିବା କ୍ରୀଡା ପ୍ରତିଯୋଗିତାରେ ପ୍ରଥମ ଦିନରେ ୪୨୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ବାଳିକାବାଳକ ବିଭାଗରେ ୧୦୦, ୨୦୦, ୪୦୦, ୮୦୦ ମିଟର ଦୌଡ ହୋଇଥିଲା। ଏଥିସହ ଲଙ୍ଗ ଜମ୍ପ, ହାଇଜମ୍ପ, ସଟପୁଟ ଥ୍ରୋ , ଡିସ୍କସ୍ ଥ୍ରୋ, ଜାଭିଲିଙ୍ଗ ଥ୍ରୋ, ଖୋ ଖୋ ଖେଳ ପ୍ରଭୃତି ପ୍ରତିଯୋଗିତାରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡାକୁ ଖେଳଶିକ୍ଷକ ରାଧେଶ୍ୟାମ ବାଘାର, ଶରତ ପଧାନ, ଛୋଟ ରାୟ ମାରାଣ୍ଡି, ସ୍ନିଗ୍ଧା ପ୍ରଧାନୀ, ଭବାନୀ ପୋଢ, ସ୍ୱାଗତିକା ସାହୁ, ମମତା ସାହୁ, ବୈକୁଣ୍ଠ ସାହୁ, ବିକ୍ରମ ତାଣ୍ଡି, ନରେଶ ସତ୍‌ନାମୀ, ନାରାୟଣ ଭୋଇଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପିକା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

# ଖପ୍ରାଖୋଲ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଉଦ୍‌ଯାପିତ

ଖପ୍ରାଖୋଲ,୬।୧(ଡି.ଏନ.ଏ.)


ଲୋକ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି ।

- ଶତାଧିକ ପ୍ରତିଯୋଗୀଙ୍କ କଳା ପ୍ରଦର୍ଶନ
- ୧୮ କୃତୀ ପ୍ରତିଯୋଗୀ ଉପଖଣ୍ଡ ସ୍ତରକୁ ମନୋନୀତ

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଆୟୋଜିତ ବ୍ଲକସ୍ତରୀୟ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମିରଞ୍ଜନ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଟଣାଗଡ ଉପଜିଲାପାଳ ଡ.ବିଜୟାନନ୍ଦ ସେଠୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାଟଣାଗଡ ଆସିଷ୍ଟାଣ୍ଟ କଲେକ୍ଟର କ୍ଷୀରୋଦ ସାହୁ, ପାଟଣାଗଡ ଏନଏସି ଅଧ୍ୟକ୍ଷା ମାନସୀ ବିଶାଳ, ଉପଖଣ୍ଡ ଯୋଗାଣ ଅଧିକାରୀ ମାୟାଧର ସାହୁ, ବେଲପଡ଼ା ତହସିଲଦାର ପ୍ରଶାନ୍ତି ପ୍ରଧାନ, ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ଉପାଧ୍ୟକ୍ଷ ସୁଖିରାମ ଷାଣ୍ଡ, ବିଧାୟକ ପ୍ରତିନିଧି ରମେଶ ପ୍ରଧାନ ଯୋଗ ଦେଇଥିଲେ। ଚଳିତ ଲୋକ ମହୋତ୍ସବରେ ଲୋକ ବାଦ୍ୟ, ଲୋକ ସଙ୍ଗୀତ, ଲୋକନୃତ୍ୟ ବର୍ଗରେ ୧୦୬ ଟି ଦଳଗତ ଓ ଏକକ ପ୍ରତିଯୋଗୀ ଭାଗ ନେଇଥିଲେ। ଏହି ଅବସରରେ ବିଭିନ୍ନ ବର୍ଗରେ ୧୮ ଦଳ ଓ କଳାକାରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ୧୮ଟି ଦଳ ଉପଖଣ୍ଡ ଲୋକ ମହୋତ୍ସବକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ପରେ ପଶ୍ଚିମ ଓଡ଼ିଶାର ଲୋକପ୍ରିୟ କଳାକାର ଶାନ୍ତନୁ ସାହୁ, ଶୀତଳ ଓ ସାଥୀଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଥମ ଥର ପାଇଁ ଏଭଳି ଆୟୋଜନ ହୋଇଥିବା ବେଳେ କଳାକାରଙ୍କ ସମ୍ପୃକ୍ତିକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଏହି ଅବସରରେ ସହକାରୀ ଯନ୍ତ୍ରୀ ମହେଶ ଲାଲ ଅଗ୍ରୱାଲ, କନିଷ୍ଠ ଯନ୍ତ୍ରୀ ରାଜକିଶୋର ନାଏକ, ଦୀନବନ୍ଧୁ କୁମ୍ଭାର, ସୂର୍ଯ୍ୟ ଭାନୁ ମେହେର, ବଳଭଦ୍ର ନାଏକ, ଯୋଗାଣ ନିରୀକ୍ଷକ ବିକାଶ ବାର୍ଲା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାର, ଗିରିଧାରୀ ନାଗ, ଅଭୟ ତ୍ରିପାଠୀ, ଅକ୍ଷୟ ପ୍ରଧାନ, ତପନ ମେହେର, ବାହୁ ବଳେନ୍ଦ୍ର ପୁରୋହିତଙ୍କ ସମେତ ପିଇଓ , ଜିଆର୍‌ଏସ, ଯୋଗାଣ ସହାୟକ, ସରପଞ୍ଚ, ସମିତି ସଭ୍ୟାସଭ୍ୟ, ସରକାରୀ କର୍ମଚାରୀ, ବଣିକ ସଂଘ ସଦସ୍ୟ, ସ୍ୱେଚ୍ଛାସେବୀ, ମିଶନ ଶକ୍ତି ସଦସ୍ୟା ଉପସ୍ଥିତ ଥିଲେ। ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ନେତୃତ୍ୱରେ ଭିଡ ନିୟନ୍ତ୍ରଣ ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିଲା। ସେହିପରି ମିଲେଟ ମିଶନ ତରଫରୁ ମିଲେଟ ପ୍ରସ୍ତୁତ ଖାଦ୍ୟ ପ୍ରଦର୍ଶନୀ, ଆଇସିଡିଏସ ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ତରଫରୁ ପ୍ରଦର୍ଶନୀ ଷ୍ଟଲ ଖୋଲାଯାଇଥିଲା।

# ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ମଥୁରାନଗରୀ,୬।୧

ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଉପଲକ୍ଷେ ଜିରା ନଦୀ କୂଳ ନୂତନ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ହୋଇଥିବା ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ସର୍ବସାଧାରଣ ଏବଂ ଡୋଭ୍, ଅନୁଗୋଳର ସମ୍ପାଦକ ଅନିଲ କୁମାର ମିଶ୍ରଙ୍କ ଉପସ୍ଥିତିରେ ଏହା ଉଦ୍‌ଯାପିତ ହୋଇଥିଲା। ସମାରୋହରେ ରାଜସ୍ଥାନର ହସ୍ତଶିଳ୍ପୀ ମହମ୍ମଦ ଜାଭେଦ୍, ଅରବିନ୍ଦ ଖତ୍ରୀ, ଆସାମର ହସ୍ତଶିଳ୍ପୀ ପ୍ରିୟନାଥ ମଣ୍ଡଳ, ପଶ୍ଚିମବଙ୍ଗର ହସ୍ତଶିଳ୍ପୀ ସନ୍ଦୀପ ପାଲ, ଓଡ଼ିଶାର ହସ୍ତଶିଳ୍ପୀ ସୁଧୀର ରାଉତ ରାଏ, ମହେଶ୍ୱର ବେହେରା, ସମୀର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଡୋଭ୍ ଅନୁଷ୍ଠାନ ପ୍ରତି ବରଗଡ଼ବାସୀଙ୍କ ସ୍ନେହ, ସହଯୋଗ ଏବଂ ଆନ୍ତରିକ ଶୁଭେଚ୍ଛା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି ଡୋଭ୍ ସମ୍ପାଦକ ମିଶ୍ର କହିଛନ୍ତି। ଉକ୍ତ ପ୍ରଦର୍ଶନୀରେ ୯୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଥିବା ସୂଚନା ଦିଆଯାଇଛି। ଏଥିରେ ସହଯୋଗ ପାଇଁ ଧନୁଯାତ୍ରା ମହୋତ୍ସବ ସମିତିର କର୍ମକର୍ତ୍ତା, ଜିଲା ପ୍ରଶାସନ, ପୋଲିସ, ଅଗ୍ନିଶମ ଆଦି ବିଭାଗକୁ ଡୋଭ୍ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଦିଆଯାଇଛି। ସାରା ଭାରତବର୍ଷର ବିଭିନ୍ନ ହସ୍ତଶିଳ୍ପୀଙ୍କ ସହିତ ହସ୍ତଶିଳ୍ପ ସେବାକେନ୍ଦ୍ର, ଭାରତ ସରକାର ବିକାଶ ଆୟୁକ୍ତ (ହସ୍ତଶିଳ୍ପ ବିଭାଗ), ବସ୍ତ୍ର ମନ୍ତ୍ରଣାଳୟ, ସମ୍ବଲପୁର ବିଭାଗକୁ ମଧ୍ୟ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଚଳିତବର୍ଷର ଆକର୍ଷଣୀୟ ପ୍ରଦର୍ଶନୀକୁ ଆଗାମୀ ଦିନରେ ବରଗଡ଼ରେ କରାଇବା ନିମନ୍ତେ ସମସ୍ତଙ୍କ ତରଫରୁ ଅନୁରୋଧ କରାଯାଇଥିଲା। ଡୋଭ୍‌ର ପ୍ରକଳ୍ପ ସଂଯୋଜକ ବିନୟ କୁମାର ସାମଲ, ପୁଞ୍ଜି ପରିଚାଳକ ସଂଗ୍ରାମ କେଶରୀ ନାୟକ, ରବିନ୍ଦ୍ର ସେନାପତି ପ୍ରମୁଖ ସମାରୋହ ପରିଚାଳନା କରିଥିଲେ। ଡୋଭ୍‌ର ସମ୍ପାଦକ ମିଶ୍ର ଧନ୍ୟବାଦ ଦେଇଥିଲେ।


ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀର ଉଦ୍‌ଯାପନୀ ସମାରୋହ ।

## ସଂକ୍ଷେପରେ

### ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ

ପଦ୍ମପୁର, ୬।୧(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ୟୁକୋ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପଦ୍ମପୁର ବ୍ୟାଙ୍କ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ନିରୋଜ ଦୋରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶାଖା ପରିଚାଳକ ମାନସିଂହ ଶବର, ସହକାରୀ ପରିଚାଳକ ମନିଷ କୁମାର ମିଶ୍ର, ମନୀଷ ସାହୁ, ପବିତ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

### କଚ୍ଛପ ଗତିରେ ଚାଲିଛି ଶୌଚାଳୟ କାମ

ଜାମଟିକ୍ରା, ୬।୧(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ଏନ୍‌ଏସିର ୩ ନମ୍ବର ୱାର୍ଡରେ ଥିବା ବସଷ୍ଟାଣ୍ଡରେ ଜନସାଧାରଣଙ୍କ ସୁବିଧା ପାଇଁ ଏକ ଆଦର୍ଶ ଶୌଚାଳୟ ନିର୍ମାଣ କରାଯାଉଛି। ଏଥିପାଇଁ ୧୪ ଲକ୍ଷ ୯୧ ହଜାର ୬୨୭ ଟଙ୍କା ବ୍ୟୟବରାଦ ହୋଇଛି। ତେବେ ଏଠାରେ ଲଗାଯାଇଥିବା ସୂଚନା ଫଳକରେ ନିର୍ମାଣ କାମ ତା.୧୨।୭।୨୦୨୨ରିଖରେ ଆରମ୍ଭ ହୋଇ ତା.୯।୧୧।୨୦୨୨ରିଖରେ ସମ୍ପୂର୍ଣ୍ଣ ହେବାର ଉଲ୍ଲେଖ ରହିଛି। କିନ୍ତୁ ନିର୍ମାଣ କାମ ସମ୍ପୂର୍ଣ୍ଣ ହେବାର ଅବଧି ୨ ମାସ ତଳୁ ଶେଷ ହୋଇଥିଲେ ମଧ ଏପର୍ଯ୍ୟନ୍ତ କାମ ଶେଷ ହୋଇନାହିଁ। ଫଳରେ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଜୟକୃଷ୍ଣ ପାତ୍ରଙ୍କୁ ପଚାରିବାରୁ କାମ ଶୀଘ୍ର ଶେଷ କରିବା ପାଇଁ ଆମେ ଠିକାଦାରଙ୍କୁ ନୋଟିସ କରିବୁ ବୋଲି ସେ କହିଥିଲେ।

### ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ଦେହାନ୍ତ

ଜାମଟିକ୍ରା,୬।୧(ଡି.ଏନ.ଏ.): ବରଗଡ଼ ଜିଲା ଅତାବିରା ବ୍ଲକ ମନାପଡ଼ା ଗ୍ରାମର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ମଦନ ମୋହନ ପ୍ରଧାନଙ୍କ ଶୁକ୍ରବାର ଦେହାନ୍ତ ହୋଇଛି। ତାଙ୍କୁ ୮୫ବର୍ଷ ବୟସ ହୋଇଥିଲା। ସେ ୧୯୮୪ରେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟପାଳ ପୁରସ୍କାର ପାଇଥିଲେ। ୧୯୯୨ମସିହାରେ ସେ ଚାକିରୀରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ଗାଁର ବିଭିନ୍ନ ସାମାଜିକ କାର୍ଯ୍ୟରେ ସାମିଲ ହୋଇଥିଲେ। ତାଙ୍କ ବିୟୋଗରେ ଅତାବିରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ

ନୂଆପଡ଼ା ଅଫିସ,୬।୧: ନୂଆପଡା ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ ହେମକାନ୍ତ ସାଏ ଜିଲାର ସଂକ୍ଷିପ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ବର୍ତ୍ତମାନ ସମୟରେ ଭୋଟର ତାଲିକାରେ ସଂଶୋଧନ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଧାର୍ଯ୍ୟ ତାରିଖ ୨୦୨୩ ଜାନୁୟାରୀ ୧ ପର୍ଯ୍ୟନ୍ତ ସଂଶୋଧିତ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହା ବ୍ୟତିତ ଜିଲାର ୨୩ଟି ବୁଥ ନାମର ପରିବର୍ତ୍ତନ କରାଯାଇଥିବା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ପ୍ରକାଶ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲାପାଳ, ଅତିରିକ୍ତ ଜିଲାପାଳଙ୍କ ସମେତ ରାଜ୍ୟ ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ନିର୍ବାଚନ ଅଧିକାରୀ ପ୍ରିୟଦର୍ଶନୀ ମଲ୍ଲିକ ଓ ବିଭିନ୍ନ ରାଜନୈତିକ ଦଳର ମୁଖପାତ୍ର ସଂଶୋଧିତ ଭୋଟର ତାଲିକା ପ୍ରକାଶ କରିଥିଲେ।

# ଜାତୀୟସ୍ତରର କବାଡ଼ି ରେଫରି ପରୀକ୍ଷାରେ କୃତକାର୍ଯ୍ୟ

ପାଇକମାଳ, ୬।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଳ ବ୍ଲକ ଭୁତମୁଣ୍ଡା ଗ୍ରାମର ଯୁବକ ଆମେଚର କବାଡି ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଦିଲ୍ଲୀରେ ଆୟୋଜିତ ରାଷ୍ଟ୍ରୀୟ କବାଡି ରେଫରି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ଅଜିତ କୁମାର ପ୍ରଧାନ। ଅଜିତ ଜାମସେଠ ପଞ୍ଚାୟତ ହାଇସ୍କୁଲରେ ଗଣିତ ଶିକ୍ଷକ ଭାବେ ଶିକ୍ଷାଦାନ କରନ୍ତି। ସେ ଗ୍ରାମାଞ୍ଚଳ ଖେଳରୁ ଆକୃଷ୍ଟ ହୋଇ ରାଜ୍ୟସ୍ତରୀୟ ତଥା ବର୍ତ୍ତମାନ ଜାତୀୟସ୍ତରରେ ରେଫରି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ତାଙ୍କ ସଫଳତାରେ ପାଇକମାଳ ବ୍ଲକ, ବରଗଡ଼ ଓ ନୂଆପଡ଼ା ଜିଲାର କବାଡି ଖେଳାଳି, କବାଡି ପ୍ରେମୀ ତଥା ଏନ୍‌ବି ୟୁନିୟନ ମହଲରେ ଆନନ୍ଦ ପ୍ରକାଶ ପାଇଛି। ନିଜର ପରିଶ୍ରମ, ଅଞ୍ଚଳବାସୀ, ଖେଳାଳି, କ୍ରୀଡ଼ାପ୍ରେମୀ ତଥା ଏନ୍‌ବି ରେଫରି ୟୁନିୟନକୁ ସଫଳତାର ଶ୍ରେୟ ଦେଇଛନ୍ତି ଅଜିତ।

# ସେମିରେ ବିଏସ୍‌ଏଫ୍ ସୋନପୁର

## ସୁଜନ ନାଗ ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ

ସୋନପୁର,୬।୧(ନି.ପ୍ର.)

ସୋନପୁର ରୟାଲ ପଡିଆରେ ଚାଲିଥିବା ୧୦ମ ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ମ୍ୟାଚ୍‌ରେ ସୋନପୁର ବିଏସ୍‌ଏଫ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ବାରିପଦା ଫୁଟବଲ କ୍ଲବ ଓ ସୋନପୁର ବିଏସ୍‌ଏଫ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ସୋନପୁର ବିଏସ୍‌ଏଫ ୩–୦ ଗୋଲରେ ବିଜୟୀ ହୋଇଛି । ରେଫେରି ନନ୍ଦୁ ନାଏକ, ପ୍ରଶାନ୍ତ ସେଠୀ, ଟିକୁ ବଡପଣ୍ଡା, ବିକ୍ରମ ନାଏକ ଓ ହରିହର ପଟ୍ଟନାୟକ ମ୍ୟାଚ୍ ପରିଚାଳନା କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ବରିଷ୍ଠ ଆଇନଜୀବୀ ବଳଦେବ ପ୍ରସାଦ ବେଦ୍‌ବାକ୍ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ସନ୍ଦୀପ ମହାରଣା, ଗୋପୀନାଥ ସା, ପୁରୁଷୋତ୍ତମ ପାଣିଗ୍ରାହୀ, ସୁଶାନ୍ତ ବାଘ ଓ ସତ୍ୟ ତାଣ୍ଡି ଯୋଗ ଦେଇଥିଲେ। ବିଏସ୍‌ଏଫର ପିତ୍ର ମୁଣ୍ଡାଙ୍କୁ ବେଷ୍ଟ ଡିଫେନ୍ସ, ପ୍ରକାଶ ନାଏକଙ୍କୁ ବେଷ୍ଟ ମିଡ୍ ଫିଲ୍ଡ, ୱିଙ୍ଗର ଅନ୍ତର୍ଯ୍ୟାମୀ ନାଏକ, ବାରିପଦାର ଖେଳରାମ ମାରାଣ୍ଡିଙ୍କୁ ଶ୍ରେଷ୍ଠ ଗୋଲ କିପର ଓ ବାଇଧର ସିଂଙ୍କୁ ହିରୋ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଆୟୋଜକ ସୋନପୁର ରୟାଲ ସ୍ପୋର୍ଟିଂ କ୍ଲବର ସମ୍ପାଦକ ରାକେଶ ନାଗ ପୁରସ୍କାର ବିତରଣୀ ଉତ୍ସବ ପରିଚାଳନା କରିଥିଲେ। ଶନିବାର ସୋନପୁର ଇଲେଭେନ ଷ୍ଟାର ଓ ବିଏସ୍‌ଏଫ ସୋନପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।


ଅତିଥି ବୃନ୍ଦ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି ।

# ଗୋଡ଼ଭଗାରେ ନୃତ୍ୟ ପ୍ରତିଯୋଗିତା

ଜାମଟିକ୍ରା, ୬।୧(ଡି.ଏନ.ଏ.)

ଅତାବିରା ବ୍ଲକ ଅନ୍ତର୍ଗତ ଗୋଡଭଗା ଗାୟତ୍ରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ରାତିରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ପୋଲିସ ଏସ୍‌ଆଇ ଅଜୟ ଜେନା ମୁଖ୍ୟ ଅତିଥି, ଗୋଡଭଗା ଫାଣ୍ଡି ଅଧିକାରୀ ବିପିନ ବାଗ, ସୁରେଶ ଦାସ, ସାମାଜିକ କର୍ମୀ ସୁନୀଲ ମିଶ୍ର, କୁଳମଣି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପୁରୁଷୋତ୍ତମ ପତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଡଃ ଚିତ୍ତରଞ୍ଜନ ଜେନା ଓ ସାଗରିକା ରାଉତଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଗୋଡଭଗା ଲାୟନ୍ସ କ୍ଲବ, ଲିଓ କ୍ଲବ ଓ ହେଲ୍‌ଥ କେୟାରର କର୍ମକର୍ତ୍ତାଗଣ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଗୋଡଭଗା ଜନତା ହାଇସ୍କୁଲ, ଜୁବିଲି ବାଳିକା ହାଇସ୍କୁଲ ଗୋଡଭଗା, ସରସ୍ୱତୀ ଶିଶୁ ମନ୍ଦିର ଘୁଡୁକାଟିକ୍ରା, କୋଶଳ ସ୍କୁଲ ଚକୁଳିଫାର୍ମ ଓ ସିଦ୍ଧାର୍ଥ ପବ୍ଲିକ ସ୍କୁଲ କୁମେଲସିଂହାର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# କାଜୁ ବଗିଚାରୁ ମିଳିଲା ଯୁବତୀ ଯୁବକଙ୍କ ମୃତଦେହ

ମଥୁରାନଗରୀ,୬।୧

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଟୁକୁର୍ଲା ଚଣ୍ଡୀ ମନ୍ଦିର ନିକଟ କାଜୁ ବଗିଚା ଭିତରୁ ଶୁକ୍ରବାର ଦୁଇ ଯୁବତୀ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ନିକଟସ୍ଥ ବରଗାଁ ଗ୍ରାମର ନିରଞ୍ଜନ ଭୁଏ(୨୪) ଏବଂ ମୃତା ଯୁବତୀ ଏକ କଲେଜର ଯୁକ୍ତ ୨ ଛାତ୍ରୀ ମେନକା ଭୁଏ(୧୭) ବୋଲି ଜଣାପଡ଼ିଛି। ନିରଞ୍ଜନ ବରଗଡ଼ ଭଟଲି ଛକର ଏକ ଗ୍ୟାରେଜରେ ଲେଦ୍ ମିସ୍ତ୍ରୀ କାମ କରୁଥିଲେ। ତେବେ ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ଏହା ପ୍ରେମଜନିତ ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳ ନିକଟରେ ଏକ ହିରୋ ସିଡି ଡିଲକ୍ସ ବାଇକ୍ (ନଂ.ଓଡ଼ି୧୭ଟି ୩୦୬୫) ରହିଥିଲା। ପୋଲିସ ଉଭୟଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ଡାକ୍ତରଖାନାର ଶବ ସଂରକ୍ଷଣ ଗୃହକୁ ପଠାଇଛି। ଶନିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ଘଟଣାସ୍ଥଳକୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ଭଟଲି ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା ଉତ୍ସବ


କ୍ରୀଡ଼ା ପ୍ରତିଯୋଗିତାରେ ଛାତ୍ରୀଛାତ୍ର।

ବୌଦ୍ଧ,୬।୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାଧାନଗର ଗ୍ରାମପଞ୍ଚାୟତ ପିପଲକଟା ଖେଳ ପଡିଆଠାରେ ଶୁକ୍ରବାର ପଞ୍ଚାୟତସ୍ତରୀୟ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ବାର୍ଷିକ କ୍ରୀଡାରେ ରାଧାନଗର ପଞ୍ଚାୟତର ସରପଞ୍ଚ ଗଣେଶ କୁମାର ବେହେରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବାବେଳେ ମଥୁରା ପଞ୍ଚାୟତର ସରପଞ୍ଚ ପ୍ରଦୀପ କହଁର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ରାଧାନଗର ଗ୍ରାମପଞ୍ଚାୟତର ସମସ୍ତ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରଥମ ଦିନରେ ଲମ୍ଫ ଡିଆଁ, ମ୍ୟୁଜିକ ଚେୟାର, ଅନ୍ଧ ପୁତୁଲି, ବେଲୁନ ଫଟା, ଦଉଡି ଡିଆଁ, ଦୌଡ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ବିଭିନ୍ନ ବିଦ୍ୟାଳୟର ଖେଳଶିକ୍ଷକମାନେ ପରିଚାଳନା କରିଥିଲେ।

# ବୌଦ୍ଧ ଏନ୍‌ଏସି କପ୍ ଫୁଟ୍‌ବଲ, ଗେହ୍ଲା ମା' କ୍ଲବ ଫାଇନାଲରେ


ଏନ୍‌ଏସି କପ୍ ଫୁଟବଲ ପ୍ରତିଯୋଗିତାର ଅତିଥିଙ୍କ ସହ ଖେଳାଳି।

ବୌଦ୍ଧ, ୬।୧(ସ୍ୱ.ପ୍ର.)

ବୌଦ୍ଧ ଜିଲା ଷ୍ଟାଡିୟମଠାରେ ବୌଦ୍ଧଗଡ ଏନଏସି ପକ୍ଷରୁ ଆୟୋଜିତ ଏନ୍‌ଏସି କପ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ପଞ୍ଚମ ଦିବସରେ ଗେହ୍ଲମା' କ୍ଲବ ଓ ଟାଉନ ଆଥଲେଟିକ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଉଭୟ ଦଳ ଗୋଟିଏ ଗୋଟିଏ ଗୋଲ ଦେଇଥିଲେ। ଖେଳରେ ନିର୍ଦ୍ଧାରିତ ସମୟରେ ଆଉ କୌଣସି ଗୋଲ ହୋଇ ନ ଥିବାରୁ ଶେଷରେ ଟ୍ରାଇବ୍ରେକର ଜରିଆରେ ଗେହ୍ଲମା କ୍ଲବ ୫–୩ ଗୋଲରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଅତିଥି ଭାବରେ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଜିଲା କ୍ରିଡା ସଂଘର ସମ୍ପାଦକ ରବୀନ୍ଦ୍ର କୁମାର ରାଉତ, ବରିଷ୍ଠ ଖେଳାଳି ଲିଙ୍ଗରାଜ ଲେଙ୍କା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭାବରେ ଶ୍ରବଣ ବେହେରା, ସୁଜିତ ରାଜହଂସ, ସୁରେନ୍ଦ୍ର ବେହେରା ଓ ଚତୁର୍ଥ ରେଫରି ଭାବେ ଅମିତ ନାଏକ ଖେଳ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘର ସଦସ୍ୟ ରିତ କୁମାର ରାଉତ ଓ ବଦ୍ରି ନାରାୟଣ ମିଶ୍ର ଖେଳ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଏନ୍‌ଏସ୍‌ଏସ୍ ପକ୍ଷରୁ ଶୀତକାଳୀନ ଶିବିର

କୋକସରା,୬।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଗୁରୁବାରଠାରୁ ଜାତୀୟ ସେବା ଯୋଜନା ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ରଙ୍କୁ ନେଇ ଶୀତକାଳୀନ ଶିବିର ଗମ୍ଭାରୀଗୁଡା ପଞ୍ଚାୟତ ବଙ୍ଗୋମୁଣ୍ଡାରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁଣାକାର ପଣ୍ଡା ଏନ୍‌ଏସ୍‌ଏସ୍ ପତାକା ଉତ୍ତୋଳନ କରିବା ପରେ ଅଧାପିକା କନକ ମଞ୍ଜରି ବେହେରା, ଅଧାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ ଉପସ୍ଥିତ ରହି ସମାଜର ସେବା ଦ୍ୱାରା ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ବିକାଶ ସହ ସମାଜରେ ଏକ ନୂତନ ଦିଶା ଲୋକଙ୍କ ମଧ୍ୟରେ ଉଜାଗର ହେବ ବୋଲି ମତ ପ୍ରକାଶ କରିଥିଲେ।

# ଟିଲେଇମାଲରେ ଅବକାରୀ ଚଢ଼ାଉ

ପଦ୍ମପୁର, ୬।୧(ଡି.ଏନ.ଏ.)

ଅବକାରୀ ବିଭାଗ ପକ୍ଷରୁ ପଦ୍ମପୁର ଟିଲେଇମାଲ ଜଙ୍ଗଲର ବିଭିନ୍ନ ସ୍ଥାନରେ ଶୁକ୍ରବାର ଚଢାଉ କରାଯାଇଛି। ଚଢାଉ ବେଳେ ୩୩୦୦ ଲିଟର ମହୁଲ ପୋଚ ଓ ୪୫୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଦିଆଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ଆଗାମୀ ଦିନରେ ଏପରି ଚଢାଉ ଜାରି ରହିବ ବୋଲି ଇନ୍ସପେକ୍ଟର ସମରଜିତ ଦାଶ ପ୍ରକାଶ କରିଛନ୍ତି।

# ମହିଳା ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ପଦ୍ମପୁର,୬।୧(ଡି.ଏନ.ଏ.)

ପଦ୍ମପୁର ମହିଳା ଡିଗ୍ରୀ ମହାବିଦ୍ୟାଳୟର ୧୧ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା କଳ୍ପନା ରାଣୀ ନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଶାଲ ସ୍ଥାପନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କ୍ରୀଡ଼ା ବିଭାଗ ଦାୟିତ୍ୱରେ ଥିବା ଅଧ୍ୟାପିକା ଚନ୍ଦ୍ରିକା ଭୋଇ, ସୁଶ୍ରୀ ସୋନିଆ ମେହେର, ସୀମିତ ମହାନ୍ତି, ଫକୀର ଭୋଇ, ରବି ଅମରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସଙ୍ଗୀତା ଗୌନ୍ତିଆ, କୁନ୍ତଳା ସାହୁ, ଲୋପାମୁଦ୍ରା ନାୟକ, ସରିତା ପ୍ରଧାନ, କାଦମ୍ବିନୀ ପାଣିଗ୍ରାହୀ, ପଦ୍ମିନୀ ପ୍ରଧାନ, ବୀରେନ୍ଦ୍ର ମେହେର, ଅନୀଲ ପୁରୋହିତ ଓ ଧୀରେନ୍ଦ୍ର ବର୍ଗେ ସହଯୋଗ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପିଇଟି ସୁକୁମାରୀ ତାଣ୍ଡି ଓ ଧାନଚାନ୍ଦ ଲୋହାର କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ପ୍ରତିଯୋଗିତାର ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିବା ବେଳେ ସୁଶ୍ରୀ ରବିତା ଧରୁଆ ଚାମ୍ପିୟନ ହୋଇଥିଲେ। ଗୁରୁବାର କ୍ରୀଡ଼ା ପତାକା ଅବତରଣ କରି ଉଦ୍‌ଯାପିତ ହୋଇଥିଲା।


ପଦ୍ମପୁର ବିଧାୟିକା ମଶାଲ ଜାଳି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

# ପରମ୍ପରାରେ ସମୃଦ୍ଧ ପୁଷ୍‌ପୁନି ଛେର୍‌ଛେରା

ପାଇକମାଳ, ୬।୧(ଡି.ଏନ.ଏ.)

ପଶ୍ଚିମ ଓଡିଶାର ଅନେକ ପର୍ବପର୍ବାଣୀ ମଧ୍ୟରେ ପୁଷ୍‌ପୁନି ହେଉଛି ଅନ୍ୟତମ ପର୍ବ। ଏହା ଏକ ନିଆରା ପର୍ବ। ଏଥିରେ ସାଜସଜ୍ଜା କି ପୂଜାପାଠ ମଧ ନାହିଁ। କେବଳ ଖାଇବା, ପିଇବା, ମଜା ମଜଲିସ୍ କରିବା ଭଳି ଏକ ସୁନ୍ଦର ତିହାର ରହିଛି। କିଛି ବର୍ଷ ତଳେ ବଡ଼ ଚାଷୀ ଓ ମହାଜନମାନେ ବର୍ଷତମାମ ଲୋକଙ୍କୁ ନିଜ ଘରେ ରଖି ବନ୍ଧୁଆ ଶ୍ରମିକ ଭାବେ ଖଟାଉଥିଲେ। ପୌଷପୂର୍ଣ୍ଣିମା ଦିନ ଶ୍ରମିକମାନଙ୍କ ଏକ ବର୍ଷ ପୂରିଯାଉଥିଲା ଏବଂ ସେହିଦିନ ତାଙ୍କୁ ପାରିଶ୍ରମିକ ସହ ମୁକ୍ତି ମିଳୁଥିଲା। ତେଣୁ ଶ୍ରମିକମାନେ ଏହି ପୂର୍ଣ୍ଣିମାକୁ ପୁଷ୍‌ପୁନି ବୋଲି ମାନୁଥିଲେ। ଆଜି ମଧ୍ୟ ସେହି ପରମ୍ପରା ରହିଆସିଛି। ଆଜିର ଦିନରେ ସମସ୍ତେ ଏହି ପର୍ବ ପାଳନ କରି ଆନନ୍ଦରେ ଖାଇପିଇ ମଜା କରିବା ଦେଖିବାକୁ ମିଳିଛି। ଏହି କ୍ରମରେ ପାଇକମାଳର ବିଭିନ୍ନ ଅଞ୍ଚଳରେ ଭୋର୍‌ରୁ ଛୋଟ ଛୁଆମାନେ ଘର ଘର ବୁଲି ଛେର୍‌ଛେରା ମାଗିଥିଲେ। ଲୋକେ ଖୁସିରେ ଘରେ ଘରେ ପିଠାପଣା ସହ ଆମିଷ ଭୋଜନ କରି ଏହି ପର୍ବ ପାଳନ କରିଛନ୍ତି। ଗାଁ ଗାଁରେ କ୍ରିକେଟ, ଫୁଟ୍‌ବଲ ଆଦି ପ୍ରତିଯୋଗିତା ମଧ ହୋଇଥିଲା।


ଛୋଟ ପିଲାମାନେ ଘର ଘର ବୁଲି ଛେର୍‌ଛେରା ମାଗୁଛନ୍ତି।

## ସଂକ୍ଷେପରେ

### ବୁନ୍ଦିଆ ଅଞ୍ଚଳରେ ବେଆଇନ ମଦ କାରବାର

**ବ୍ରଜରାଜନଗର,୬।୧(ଡି.ଏନ.ଏ.):** ବ୍ରଜରଜନଗର ଥାନା ଅଧୀନ ରାମପୁର ଓ ବୁନ୍ଦିଆ ଅଞ୍ଚଳରେ ବେଆଇନ ମଦ କାରବାର ବଢ଼ିବାରେ ଲାଗିଛି। ସ୍ଥାନୀୟ କେତେଜଣ ସଚେତନ ନାଗରିକଙ୍କ ଅଭିଯୋଗ ଅନୁଯାୟୀ ରାମପୁର ଅଞ୍ଚଳରେ ପ୍ରାୟ ୫୦ରୁ ଅଧିକ ଦୋକାନରେ ବେପାରୀମାନେ ବେଆଇନ ମଦ କାରବାର ଚଳାଇଛନ୍ତି। ସନ୍ଧ୍ୟା ହେଲେ ନିଶା ସେବନକାରୀ ମଦ ପିଇ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରୁଛନ୍ତି। ଏଥିଯୋଗୁ ବହୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଏହି ବେଆଇନ କାରବାର ବନ୍ଦ କରିବା ପାଇଁ ବିଭିନ୍ନ ସମୟରେ ମହିଳାମାନେ ଆନ୍ଦୋଳନ କରିଛନ୍ତି। କିଛିଦିନ ପୂର୍ବେ ପୋଲିସ ଚଢ଼ାଉ କରି ଏହାକୁ ବନ୍ଦ କରିଥିଲା। ହେଲେ ପରବର୍ତ୍ତୀ ସମୟରେ କେତେଜଣ ବେପାରୀ ପୁଣି ସେମାନଙ୍କ ବେପାର ଚଳାଇଛନ୍ତି। ପୋଲିସ ଏ ଦିଗରେ ପଦକ୍ଷେପ ନେବା ଉଚିତ ବୋଲି ସ୍ଥାନୀୟ ସରପଞ୍ଚ କଲ୍ୟାଣୀ ଦୀକ୍ଷିତ ମତ ଦେଇଛନ୍ତି। ଖୁବ୍‌ଶୀଘ୍ର ଚଢ଼ାଉ କରାଯାଇ ବେଆଇନ ମଦ କାରବାର ବନ୍ଦ କରାଯିବ ବୋଲି ଥାନା ଅଧିକାରୀ ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରକାଶ କରିଛନ୍ତି।

### ଲୁଇସ୍ ବ୍ରେଲ ଜୟନ୍ତୀ

**ସମ୍ବଲପୁର,୬।୧(ବ୍ୟୁରୋ):** ସାମାଜିକ ଅନୁଷ୍ଠାନ ଜ୍ୟୋତି କାର୍ଯ୍ୟାଳୟରେ ଲୁଇସ୍ ବ୍ରେଲ ଜୟନ୍ତୀ (ବ୍ରେଲ ଦିବସ) ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପରେଶ ଚନ୍ଦ୍ର ଦାନି ସଭାପତିତ୍ୱ କରି ଲୁଇସ୍ ବ୍ରେଲଙ୍କ ଜୀବନୀ ଓ ବ୍ରେଲି ଲିପି ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ସ୍ୱାଗତ ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଆକାଶବାଣୀର ଅଧିକାରୀ ମନୋଜ ପୂଜାରୀ ଓ ଶିକ୍ଷାବିତ୍ ଭକ୍ତ ପ୍ରସାଦ ନନ୍ଦ ବକ୍ତବ୍ୟ ଦେଇ କହିଥିଲେ, ସମାଜରେ ଦୃଷ୍ଟିବାଧିତ ତଥା ଦିବ୍ୟାଙ୍ଗମାନଙ୍କ ପ୍ରତି ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ସମ୍ମାନ ରହିବା ଦରକାର। ସେମାନେ ଦକ୍ଷତା ଅର୍ଜନ କରି ସମାଜର ଶ୍ରେଷ୍ଠ ସ୍ଥାନରେ ପହଞ୍ଚି ପାରୁଛନ୍ତି। ସେମାନଙ୍କୁ କୌଣସି କ୍ଷେତ୍ରରେ କମ୍ ଭାବିବା ଉଚିତ ନୁହେଁ। କାର୍ଯ୍ୟକ୍ରମରେ ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ସୁକାନ୍ତ ବହିଦାର, ଶିବନାରାୟଣ ପାଣିଗ୍ରାହୀ, ଚନ୍ଦ୍ରାବଳୀ ମହାପାତ୍ର, ରବି ନାରାୟଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିବାବେଳେ କଳ୍ପନା ମିଶ୍ର ଧନ୍ୟବାଦ ଦେଇଥିଲେ।

### ସେଣ୍ଟ୍ରାଲ ସ୍କୁଲ-୨ ପାର୍କିଂ ଅଞ୍ଚଳ ଜବରଦଖଲ ଉଦ୍ୟମ



**ସମ୍ବଲପୁର,୬।୧(ବ୍ୟୁରୋ):** ସମ୍ବଲପୁର ବୁର୍ଲାସ୍ଥିତ ଦ୍ୱିତୀୟ କେନ୍ଦ୍ରୀୟ ବିଦ୍ୟାଳୟ ପାର୍ଶ୍ୱରେ ଗାଡି ପାର୍କିଂ ପାଇଁ ବ୍ୟବହାର ହେଉଥିବା ଜମିରେ କେହି ଦୁର୍ବୃତ୍ତ ଫ୍ଲାଏ ଆଶ ପକାଇ ଜବରଦଖଲ ଉଦ୍ୟମ କରୁଛନ୍ତି। ଖ୍ରୀଷ୍ଟମାସ ଛୁଟି ସମୟରେ ଆତଯାତ ନ ଥିବାରୁ ଏହାର ସୁଯୋଗ ନେଇଛନ୍ତି। ଆଶ ପକାଯିବା ଫଳରେ ପରିବେଶ ପ୍ରଦୂଷିତ ହେଉଛି। ପୁଣି ଏହି ଜାଗା ଜବରଦଖଲ ହେଲେ ଆଗାମୀ ଦିନରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବ। ଏବେ ଏହି ବିଦ୍ୟାଳୟରେ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ଆଗାମୀ ଦିନରେ ଛାତ୍ରୀଛାତ୍ର ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି। ଏହାକୁ ନେଇ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅଭିଭାବକ ସଂଘ ସଭାପତି ଡ. ଅକ୍ଷୟ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଭବାନୀଶ ଭୋଇ ବୈଠକ କରି ପ୍ରଶାସନ ପାଖରେ ଅଭିଯୋଗ କରିବାକୁ ସ୍ଥିର କରିଛନ୍ତି।

# ବାପାଙ୍କୁ ହତ୍ୟା ଅଭିଯୋଗ: ପୁଅ ଅଟକ

ସମ୍ବଲପୁର,୬।୧(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ବାସୁପାଲି ଗ୍ରାମରେ ଶୁକ୍ରବାର ପୁଷ୍ପପୁନି ଦିନରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ତାଙ୍କ ପୁଅଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା ଚଳାଇଛି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ହେଲେ ବିଷ୍ଣୁ ସୁନା (୬୨)। ପୋଲିସ ଘରଭିତରୁ ମୃତଦେହ ସହ ରକ୍ତଲଗା ଠେଙ୍ଗା ଓ ଅନ୍ୟ ସାମଗ୍ରୀ ଜବତ କରିଛି। ଏ ନେଇ ଥାନାରେ ହତ୍ୟା ମାମଲା (ନଂ.୩/୨୩) ରୁଜୁ ହୋଇଥିବା ଥାନା ଅଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି। ସେ ଆହୁରି କହିଛନ୍ତି, ବିଷ୍ଣୁଙ୍କ ସ୍ତ୍ରୀ କିଶୋରୀ ପାରିବାରିକ କାମରେ ସହରରେ ଥିବା ନିଜ ଝିଅଘରକୁ ଯାଇଥିଲେ। ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସେ ଘରକୁ ଫେରିବା ବେଳକୁ ବିଷ୍ଣୁଙ୍କ ମୃତଦେହ ପଡିଥିବା ଦେଖିଥିଲେ। ସେ ସମୟରେ ପୁଅ ଅକ୍ଷୟ ମଧ୍ୟ ଘରେ ଅନୁପସ୍ଥିତ ରହିଥିଲେ। ଏହା ଜାଣିବା ପରେ ପଡୋଶୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ବୋଲି ଜଣାପଡିଥିଲା। ରାତିରେ ବାପାପୁଅ ଘରେ ଏକାଠି ରହିଥିଲେ। କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅକ୍ଷୟ ଠେଙ୍ଗାରେ ବିଷ୍ଣୁଙ୍କୁ ଆକ୍ରମଣ କରିଥିଲେ। ଏଥିରେ ବିଷ୍ଣୁଙ୍କ ମୃତ୍ୟୁ ହୋଇଥିବା ଜାଣିବା ପରେ ମଧ୍ୟ କେହି ଯେପରି ସନ୍ଦେହ ନ କରିବେ ସେଥିପାଇଁ ସେ ଘରଛାଡି ଯାଇ ନ ଥିଲେ। ଓଲଟା ପୋଲିସ ପାଖକୁ ଆସି ବୟାନ ଦେଇଥିଲେ। ପାରିପାର୍ଶ୍ୱିକ ସ୍ଥିତି ଓ ବିଭିନ୍ନ ବ୍ୟକ୍ତି ବିଶେଷଙ୍କଠାରୁ ବୟାନ ନେବା ପରେ ହତ୍ୟାକାଣ୍ଡରେ ଅକ୍ଷୟଙ୍କ ସମ୍ପୃକ୍ତି ଥିବା ସ୍ପଷ୍ଟ ହୋଇଛି। ଏବେ ମଧ୍ୟ ଅଧିକ ପ୍ରମାଣ ସଂଗ୍ରହ କରାଯାଉଛି ବୋଲି ଥାନା ଅଧିକାରୀ ବିଶ୍ୱାଳ କହିଛନ୍ତି।

# ମା' ସମଲେଇଙ୍କ ପୁଷ୍ୟାଭିଷେକ

ସମ୍ବଲପୁର,୬।୧(ବ୍ୟୁରୋ)

ପୌଷ ପୂର୍ଣ୍ଣିମା ତିଥିରେ ରୀତିନୀତି ଅନୁଯାୟୀ ମା' ସମଲେଇଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହୋଇଛି। ସକାଳ ୯ଟାରେ ମନ୍ଦିର ପୂଜକମାନେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ରାତି ୮ଟାରେ ମହାଆଳତି ପରେ ପୁଣି ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ମୁଖ୍ୟପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ପ୍ରକାଶ ରାୟ, ପ୍ରଶାନ୍ତ ରାୟ, କୁମାର ରାୟ, ଓକିଲ ରାୟ ପ୍ରମୁଖ ପୂଜକମାନେ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସୂଚନାଯୋଗ୍ୟ, ରାଜପୁତ କ୍ଷେତ୍ରୀୟ ସମାଜ ପକ୍ଷରୁ ରାଜାଭିଷେକ ହୋଇଥାଏ। କିନ୍ତୁ ବିଗତ ଦୁଇବର୍ଷ ହେବ କରୋନା ମାହାମାରୀ ଯୋଗୁ ଏହା ହୋଇପାରି ନାହିଁ। ଚଳିତବର୍ଷ



ମା' ସମଲେଇଙ୍କ ପୁଷ୍ୟାଭିଷେକ ।

ମଧ୍ୟ ରାଜାଭିଷେକ ଉତ୍ସବ ଆୟୋଜନ ହୋଇନାହିଁ। ପରମ୍ପରାନୁସାରେ ଏହିଦିନ ପୂଜକମାନେ ରାଜଗୁରୁ, କୂଳପୁରୋହିତ ଓ କୁଳଗୁରୁଙ୍କୁ ରାଜାଭିଷେକ କରି ଆଶୀର୍ବାଦ ଦେଇଥାନ୍ତି ।

# ଗୋଦାମ ଗୃହ ନିର୍ମାଣ ନିମ୍ନମାନର

ସମ୍ବଲପୁର,୬।୧(ବ୍ୟୁରୋ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ତବଲା ଆର୍‌ଏମ୍‌ସି ମାର୍କେଟ ପରିସରରେ ନିର୍ମାଣାଧୀନ ଗୋଦାମ ଗୃହ ନିମ୍ନମାନର ହେଉଥିବା ନେଇ ଶୁକ୍ରବାର ଅଭିଯୋଗ ହୋଇଛି। ସ୍ଥାନୀୟ ଚାଷୀମାନେ ଏ ନେଇ ଆର୍‌ଏମ୍‌ସି ପାଖରେ ଅଭିଯୋଗ କରି ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଚାଷୀଙ୍କ ଅଭିଯୋଗ କ୍ରମେ ଧାନ ସଂଗ୍ରହ ପାଇଁ ଆର୍‌ଏମ୍‌ସି ପକ୍ଷରୁ ଗୋଦାମ ଗୃହ ନିର୍ମାଣ କରାଯାଉଛି। ହେଲେ କାମ ପୂର୍ବରୁ ଏଠାରେ ସୂଚନା ଫଳକ ଲଗାଯାଇ ନାହିଁ। ତେଣୁ ବ୍ୟୟ ଅଟକଳ ଓ ଅନ୍ୟାନ୍ୟ ବିଷୟରେ ସୂଚନା ମିଳିପାରୁ ନାହିଁ। ଅନ୍ୟପଟେ ଆବଶ୍ୟକ ସିମେଣ୍ଟ, ବାଲି ବ୍ୟବହାର କରାଯାଉ ନ ଥିବାବେଳେ ଡ୍ରଇଁ ଅନୁସାରେ ଛଡ ବ୍ୟବହାର କରାଯାଇ ନାହିଁ। ଢଳେଇ



ଗୋଦାମ ଗୃହ ନିର୍ମାଣ ଚାଲିଛି।

### ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ଏମ୍‌ସି ସମ୍ପାଦକ

ସମୟରେ କମ୍ ସିମେଣ୍ଟ ବ୍ୟବହାର କରି କେବଳ ମେଟାଲ ବିଛାଇ କାମ କରାଯାଇଛି। ଫଳରେ କାମର ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏବେ କାମ ଚାଲୁଥିବାରୁ ତୁରନ୍ତ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା କହିଛନ୍ତି, ଅଭିଯୋଗ ଆସିବା ପରେ ତଦନ୍ତ ପାଇଁ ଜେଇଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାମର ମାନ ଉପରେ ଗୁରୁତ୍ୱ ଦିଆଯିବ। ଟେଣ୍ଡର ନିୟମ ଅନୁସାରେ କାମ ହେବ ବୋଲି ସେ କହିଥିଲେ।

### ଯୋଗ ପ୍ରାଚୀନ ଭାରତର ଅମୂଲ୍ୟ ବରଦାନ

ରାଉରକେଲା ଅଫିସ,୬।୧

ସୁନ୍ଦରଗଡ ଜିଲା ଭାରତ ସ୍ୱାଭିମାନ ନ୍ୟାସ ଓ ପତଞ୍ଜଳି ଯୋଗ ସମିତି ଆନୁକୂଲ୍ୟରେ ସେକ୍ଟର-୧୩ ସ୍ଥିତ କମ୍ୟୁନିଟି ସେଣ୍ଟର ପ୍ରାଙ୍ଗଣରେ ଭାରତ ସ୍ୱାଭିମାନ ନ୍ୟାସର ସ୍ଥାପନା ଦିବସ ବିଏସ୍‌ଟି ଜିଲା ପ୍ରଭାରୀ ନରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଛି। ଏଥିରେ ଜିଲା ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ନିତମ୍ବିନୀ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗ ମନୁଷ୍ୟକୁ ବିଶ୍ୱ ଓ ପ୍ରକୃତି ସହିତ ଏକତ୍ୱ କରିବାର ଏକ ମାଧ୍ୟମ ବୋଲି କହିଥିଲେ। ଯୋଗ ଆମ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ସହିତ ସଚେତନତା ସୃଷ୍ଟି କରିଥାଏ। ଯୋଗ ପ୍ରାଚୀନ ଭାରତର ଅମୂଲ୍ୟ ବରଦାନ। ଏହାର ଅଭ୍ୟାସ ଦ୍ୱାରା ମନ ଓ ଶରୀର ଆରୋଗ୍ୟ ରହିଥାଏ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମରେ ପତଞ୍ଜଳି ଯୋଗ ସମିତିର ପ୍ରଭାରୀ ପ୍ରଦୀପ ସାହୁ, ଗଙ୍ଗାଧର ଦାଶ, ହେମନ୍ତ ଜେନା, ଆରତୀ କର, ଅମୂଲ୍ୟ ପାତ୍ର, ବିଷ୍ଣୁପ୍ରିୟା ଦାଶ, ସ୍ନେହଲତା ପରିଡ଼ା, ସବିତା ମହାନ୍ତି, ରଥ ହରିପାଲ, ଡି. ଏନ୍. ପଣ୍ଡା, ସସ୍ମିତା ସାହୁ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ ପ୍ରହସନ



ଅଭିଯୋଗପତ୍ର ସହ ଗ୍ରାମବାସୀ।

ଜମନକିରା,୬।୧(ଡି.ଏନ.ଏ.)

ସହର ଭଳି ଗ୍ରାମାଞ୍ଚଳକୁ ଆଲୋକିତ କରିବା ପାଇଁ ସରକାର ଷ୍ଟ୍ରିଟ୍ ଲାଇଟ ଯୋଜନା କରିଛନ୍ତି। ହେଲେ ଜମନକିରା ବ୍ଲକ ଚକୁଳିଆବାହାଲ ଗ୍ରାମ ପଞ୍ଚାୟତ ଅଧୀନ ୧୩ନଂ. ୱାର୍ଡ କୁର୍ଲୁଖମନ ଗ୍ରାମରେ ଏହି ଯୋଜନା ପ୍ରହସନ ପାଲଟିଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗ୍ରାମରେ ୧୦ଟି ଷ୍ଟ୍ରିଟ୍ ଲାଇଟ ଲଗାଇବା ପ୍ରଶାସନକୁ ନିର୍ଦ୍ଦେଶ କରାଯାଇଥିଲା। ମାତ୍ର ଗତ ୨୯ ତାରିଖରେ ଗାଁରେ ମାତ୍ର ତିନୋଟି ଲାଇଟ୍ ଲଗାଯାଇଛି। ଏ ନେଇ ସେମାନେ ଗୁରୁବାର ଜମନକିରା ବିଡ଼ିଓ ଓ ବ୍ଲକ ଅଧ୍ୟକ୍ଷାଙ୍କୁ ଲିଖିତ ଅଭିଯୋଗ କରି ଆଉ ୭ଟି ଲାଇଟ୍ କୁଆଡେ ଗଲା ତାହାର ତଦନ୍ତ କରିବାକୁ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଡିଓ ଟୁନୁ ମେହେରଙ୍କୁ ଯୋଗାଯୋଗ କରାଯାଇ ଥିଲେ ସୁଦ୍ଧା ସେ ଫୋନ ଉଠାଇ ନ ଥିଲେ।

# ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ

ଝାରସୁଗୁଡ଼ା ଅଫିସ,୬।୧

ପୌଷପୂର୍ଣ୍ଣିମା ତିଥିରେ ଲଖନପୁର ବ୍ଲକ୍ ପଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ମହିମା ଆଶ୍ରମ ମହିମାପୁରମ୍ ବିଜାପାଲିରେ ୩୮ତମ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ବାଲ୍ୟଲୀଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମାବଧୂତ ବୀରେନ୍ଦ୍ର କୁମାର ବାବାଙ୍କ ତତ୍ତ୍ୱାବଧାନରେ ଯଜ୍ଞର ପ୍ରଥମ ଦିବସ ବୁଧବାର କଳସଯାତ୍ରା, ବ୍ରହ୍ମଧୂନି ସ୍ଥାପନ, ଅଖଣ୍ଡ ବ୍ରହ୍ମବତୀ ପ୍ରଜ୍ୱଳନ, ଆଠଭଜନ, ବ୍ରହ୍ମଧୂନିରେ ଘୃତାହୁତି ଆଦି କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ଦ୍ୱିତୀୟ ଦିବସରେ ସ୍ତୁତି ପ୍ରାର୍ଥନା, ଅବକାଶ ଜଣାଣ, ମହିମା ମହାପ୍ରସାଦ ଅର୍ପଣ ଆଦି ହୋଇଥିଲା। ତୃତୀୟ ଦିବସ ଶୁକ୍ରବାର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବାଙ୍କ ଅମୃତ୍ୱରେ ଭଜନ, ସତ୍‌ସଙ୍ଗ ଓ ପ୍ରବଚନ ଆଦି ସହିତ ୩ଖଣ୍ଡ ଗ୍ରନ୍ଥ ଉନ୍ମୋଚନ ହୋଇଛି।



ବ୍ରହ୍ମଧୂନି ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ।

ଏଥିମଧ୍ୟରେ ବ୍ରହ୍ମନିରୂପଣ ଗୀତାର ବ୍ୟାଖ୍ୟା (ହିନ୍ଦୀ), ଭୀମ ଭୋଇ କିଏ କଣ କାହିଁକି ଓ ମନୁସଭା ମଣ୍ଡଳ ରହିଛି। ଛତିଶଗଡ ମହିମା ଧର୍ମାଲୋଚନା ସମିତି ସମ୍ପାଦକ ଭକ୍ତ ତ୍ରିଲୋଚନ ପଟେଲ ମହିମା ଧର୍ମ ବିଷୟରେ ଆଲୋକପାତ କରିଥିଲେ। ଏହି ଗ୍ରନ୍ଥକୁ ବିଧାୟିକା ଅଲକା ମହାନ୍ତି ମୁଖ୍ୟଅତିଥି ଭାବେ ଉନ୍ମୋଚନ କରିଥିଲେ। ବ୍ରହ୍ମଯଜ୍ଞରେ ବ୍ରହ୍ମାବଧୂତ ବୀରେନ୍ଦ୍ର ବାବା, ବ୍ରହ୍ମାବଧୂତ ତୁଳାରାମ ବାବା, ସାଧୁ କଶ୍ୟପ ଦାସ, ସାଧୁ ଦାରୁକ ଦାସ, ମଦନ ଦାସ, ବିଶୁଦ୍ଧା ନନ୍ଦ ଦାସ, ସ୍ୱରୂପା ଦାସ, ଅମୃତ ଦାସ, ଅଭୟ ଦାସ, ମହେନ୍ଦ୍ର ତ୍ୟାଗୀ, ନରହର ତ୍ୟାଗୀ ପ୍ରମୁଖ ସାଧୁସନ୍ଥ ଯୋଗଦେଇ ଯଜ୍ଞରେ ଘୃତାହୁତି ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶଗଡ ଓ ଓଡିଶାର ବିଭିନ୍ନ ଜିଲାରୁ ୪୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

### ଭତରାରେ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସମ୍ବଲପୁର,୬।୧(ବ୍ୟୁରୋ)

ସମ୍ବଲପୁର ଭତରା ସରସ୍ୱତୀ କ୍ଲବ ପକ୍ଷରୁ ସୁଲକୁନି ପଡିଆଠାରେ ଟେନିସ ବଲ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ବିଜେଡି ରାଜ୍ୟ ମୁଖପାତ୍ର ସଞ୍ଜୟ ବାବୁ, ପୂର୍ବତନ ଉପ ନଗରପାଳ ସିଦ୍ଧାର୍ଥ ସାହା, ଧନୁପାଲି ଥାନା ଅଧିକାରୀ ଅନିତା ପ୍ରଧାନ, ଉମାକାନ୍ତ ବାରିକ ପ୍ରମୁଖ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ବିଜେଡିର ପ୍ରଫୁଲ୍ଲ କୁମାର ଦାଶ, ମନୋଜ ମହାପାତ୍ର, ଆର୍.ଏ. ଶିବକୁମାର, ପ୍ରଶାନ୍ତ ଥାପା, ଦୁଲାଲଚନ୍ଦ୍ର ରାୟ, ଅଶୋକ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ଷୀରୋଦ ବାଗ,ଚିନ୍ତାମଣି ବାଗ, ଅଭିନାଶ ବାଘ ଖେଳ ପରିଚାଳନା କରିଥିଲେ।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ବୁଢାରଜା ସ୍କୁଲରେ ଅତିଥିଙ୍କ ସହ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷକ ।

ସମ୍ବଲପୁର,୬।୧(ବ୍ୟୁରୋ)

ବୁଢ଼ାରଜା ଉଚ୍ଚ ବିଦ୍ୟାଳୟରେ ଚାରିଦିନ ବ୍ୟାପୀ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜିଲାର ୮୦ଜଣ କ୍ରୀଡ଼ା ଶିକ୍ଷୟିତ୍ରୀ ତଥା ସହକାରୀ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ହୋଇଥିଲା। ଶାରୀରିକ ଶିକ୍ଷା ନିରୀକ୍ଷକ ଜଗବନ୍ଧୁ ବେହେରା, ବୁଢ଼ାରଜା ସ୍କୁଲର ପ୍ରଧାନଶିକ୍ଷକ ଶିକ୍ଷକ ସୁମିତା ପତ୍ରୀ ପ୍ରମୁଖ ଉପସ୍ଥିତ ରହି ବର୍ତ୍ତମାନ ସମୟରେ ଏହି ଶିବିର ଆୟୋଜନର ଆବଶ୍ୟକତା ଉପରେ ଦିଗଦର୍ଶନ ଦେଇଥିଲେ। ସମଗ୍ର ଶିକ୍ଷା ସମ୍ବଲପୁର ବାଳିକା ଶିକ୍ଷା ବିଭାଗ ଆନୁକୂଲ୍ୟରେ ଶିବିର ଆୟୋଜିତ ହୋଇଥିଲା।

# ଜିଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ଝାରସୁଗୁଡ଼ା ଅଫିସ,୬।୧

ଝାରସୁଗୁଡା ଓ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ଭୋଟର ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ଦ୍ୱାରା ଜିଲାର ସମସ୍ତ ବୁଥ, ବ୍ଲକ, ତହସିଲ ଓ ପୌର ପରିଷଦ କାର୍ଯ୍ୟାଳୟରେ ପ୍ରକାଶିତ ହୋଇଛି। ପଞ୍ଜୀକୃତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ମଧ୍ୟ ଏହି ତାଲିକା ପ୍ରଦାନ କରାଯାଇଛି। ସଂଶୋଧନ ପୂର୍ବରୁ ଜିଲାର ମୋଟ ପଞ୍ଜୀକୃତ ଭୋଟର ସଂଖ୍ୟା ୪୩୪୧୨୯ ରହିଥିଲା। ସଂଶୋଧନ କାର୍ଯ୍ୟକ୍ରମ ଅନୁସାରେ ନୂତନ ନାଁ ସଂଯୋଗ ନିମନ୍ତେ ୩୫୩୪, ନାମ ବାଦ ଦେବା ନିମନ୍ତେ ୩୪୭୪, ନାମ ସଂଶୋଧନ ତଥା ସ୍ଥାନ ପରିବର୍ତ୍ତନ ନିମନ୍ତେ ୧୩୫୪ଟି ଆବେଦନ ଅନୁମୋଦନ ହୋଇଛି। ଚୂଡ଼ାନ୍ତ ତାଲିକା ଅନୁସାରେ ଜିଲାରେ ମୋଟ ୪୩୩୩୫୪ ଭୋଟର ପଞ୍ଜୀକୃତ ଥିବାବେଳେ ତନ୍ମଧ୍ୟରୁ ୨୧୯୦୬୭ ପୁରୁଷ, ୨୧୪୨୧୦ ମହିଳା ଓ ୭୭ଜଣ ତୃତୀୟ ଲିଙ୍ଗ ଅଛନ୍ତି। ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ମୋଟ ପୁରୁଷ ଭୋଟର ୧୦୮୩୦୬, ମହିଳା ଭୋଟର ୧୦୩୧୯୪ ଓ ୧୬ଜଣ ତୃତୀୟ ଲିଙ୍ଗ ଅଛନ୍ତି। ସେହିପରି ଝାରସୁଗୁଡା ନିବାଚନ ମଣ୍ଡଳୀରେ ପୁରୁଷ ଭୋଟର ୧୧୦୭୬୧, ମହିଳା ଭୋଟର ୧୧୧୦୧୬ ଓ ତୃତୀୟ ଲିଙ୍ଗ ଭୋଟର ୬୧ଜଣ ଅଛନ୍ତି।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

ନାକଟିଦେଉଳ,୬।୧(ଡି.ଏନ.ଏ.)

ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଛାତ୍ରୀମାନଙ୍କ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଅବସରପ୍ରାପ୍ତ ପ୍ରଧ୍ୟାପକ ଡ଼. ଦୀପେନ କୁମାର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପକ ସଞ୍ଜୀବ କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିବିର ସଂଯୋଜିକା ଅଧ୍ୟାପିକା ବିନୀତା ମୁର୍ମୁ, ଅଧ୍ୟାପକ ହେମାନନ୍ଦ ପ୍ରଧାନ, ଉମାକାନ୍ତ ବିଶ୍ୱାଳ, ଗ୍ରନ୍ଥାଗାରିକ ଅରୁଣ କୁମାର ବିଶ୍ୱାଳ, ଛାତ୍ରୀ ନିବାସ ମାଟ୍ରନ ବୈଜୟନ୍ତୀ ସାହୁ ଯୋଗଦେଇ ଛାତ୍ରୀମାନଙ୍କ ଏହି ଶିବିରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏଥିରେ ଦୀପିକା ବିଶ୍ୱାଳ ମାଷ୍ଟର ଟ୍ରେନର ଭାବେ ଯୋଗଦେଇ ତାଲିମ ପ୍ରଦାନ କରୁଥିବା ବେଳେ ପର୍ଯ୍ୟାୟରେ ୧୦୦ଜଣ ଛାତ୍ରୀ ତାଲିମ ଗ୍ରହଣ କରୁଛନ୍ତି। ୮ଦିନ ଧରି ଏହି ତାଲିମ ଶିବିର ଅନୁଷ୍ଠିତ ହେବ।



ତାଲିମ ଗ୍ରହଣ କରୁଥିବା ଛାତ୍ରୀମାନେ।

# ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ

ଝାରସୁଗୁଡ଼ା ଅଫିସ,୬।୧

ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଶୁକ୍ରବାର ପୌଷପୂର୍ଣ୍ଣିମା ତିଥିରେ ଉଦ୍‌ଯାପିତ ହୋଇଯାଇଛି। ୭ଦିନ ଧରି କଂସ ମହାରାଜଙ୍କ ଆମନ୍ତ୍ରଣ ରକ୍ଷାକରି ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ରାଜ ଅତିଥି ଭାବେ ଯୋଗଦେଇଥିଲେ। କଂସ ମହାରାଜଙ୍କ ପ୍ରଶ୍ନବାଣରେ ଅତିଥିମାନେ ବ୍ୟତିବସ୍ତ ହୋଇପଡୁଥିଲେ। ପୌରାଣିକ କଥାବସ୍ତୁକୁ ନେଇ ପ୍ରତିଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଉଥିଲା । ଏହାକୁ ଦର୍ଶକ ଉପଭୋଗ କରୁଥିଲେ । ଉଦ୍‌ଯାପନୀ ଦିବସରେ ଗୋପପୁରରେ ଅକ୍ରୁରଙ୍କ ସହ କୃଷ୍ଣ ବଳରାମଙ୍କ ମଥୁରା ଗମନ, ଗୋପୀମାନଙ୍କ ବିରହ ଦୃଶ୍ୟ, ନନ୍ଦ ଯଶୋଦାଙ୍କ ଶୋକ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ମଥୁରାପୁରରେ ଅକ୍ରୁର କୃଷ୍ଣ ବଳାରାମଙ୍କ ସହ ମଥୁରାରେ ପ୍ରବେଶ, କୁବୁଜା ଉଦ୍ଧାରଣ, କୃଷ୍ଣ ବଳରାମଙ୍କ ମଲ୍ଲମାନଙ୍କ ଯୁଦ୍ଧ, କଂସ ଓ କୃଷ୍ଣ ବଳାରାମଙ୍କ ମଧ୍ୟରେ ଯୁଦ୍ଧ, କଂସ ନିହତ ଆଦି ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ



କଂସ ନିମନ୍ତ୍ରଣ ରକ୍ଷାକରି ଦରବାରରେ ଯୋଗଦେଇଥିବା ଅତିଥିବୃନ୍ଦ।

### ଯୁଦ୍ଧରେ କଂସ ନିହତ

ଦିବସରେ କଂସ ମହାରାଜଙ୍କ ଆମନ୍ତ୍ରଣ ରକ୍ଷାକରି ରାଜ ଅତିଥିଭାବେ ଏମ୍‌ସିଏଲ୍ ବୁର୍ଲା ମୁଖ୍ୟ କାର୍ଯ୍ୟାଳୟର ପରିଚାଳନା ମହାନିର୍ଦ୍ଦେଶକ ଓମ୍ ପ୍ରକାଶ ସିଂହ ମୁଖ୍ୟଅତିଥି, ଅଜିତ କୁମାର ବେଉରା ବିତ୍ତ ନିର୍ଦ୍ଦେଶକ, ପରିଚାଳନା ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ, ଉତ୍ପାଦନ ମହାପ୍ରବନ୍ଧକ ସମୀର ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରବଳ ଶୀତ ସତ୍ତ୍ୱେ ବହୁ ଦର୍ଶକ ରାତି ସାଢେ ୧୧ଟା ପର୍ଯ୍ୟନ୍ତ କଂସ ବଧକୁ ଉପଭୋଗ କରିଥିଲେ। ଜନସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ୍ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

